

ଅନୁଗୋଳ: ନିର୍ବାଚନ ପାଇଁ ନିଜ ନିଜ ବୁଥ୍ ଅଭିମୁଖେ ପୋଲିଂ ପାର୍ଟି

# ସାତକୋଶିଆ ଗଣ୍ଡରେ ଜନ୍ମନେଲେ ୩୫ ଘଡ଼ିଆଳ

ଅନୁଗୋଳ, ୨୪।୫( ସମିସ)

ଅନୁଗୋଳ ଜିଲ୍ଲା ସାତକୋଶିଆ ଗଣ୍ଡରେ ୩୫ଟି ଘଡ଼ିଆଳ କୁମ୍ଭୀର ଜନ୍ମଗ୍ରହଣ କରିଛନ୍ତି। ଏ ନେଇ ଏକ୍ସରେ ଭିଡିଓ ସେୟାର କରି ସୂଚନା ଦେଇଛନ୍ତି ପିସିସିଏଫ୍ ସୁଶାନ୍ତ ନନ୍ଦ। ସେ ପୋଷ୍ଟ କରି ସୂଚନା ଦେଇଛନ୍ତି ଯେ, ଭାରତର ଦକ୍ଷିଣାଞ୍ଚଳ ଭାବେ ମହାନଦୀ ହେଉଛି ଘଡ଼ିଆଳଙ୍କ ଶେଷ ସ୍ଥାନ। ଗତକାଲି ସକାଳ ସମୟରେ ସାତକୋଶିଆ ଗଣ୍ଡରେ ୩୫ଟି ଘଡ଼ିଆଳ ଜନ୍ମଗ୍ରହଣ କରିଛନ୍ତି। ୪ ଦଶନ୍ଧି ପରେ କ୍ରମାଗତ ୪ର୍ଥ ଥର ପାଇଁ ମହାନଦୀର ସାତକୋଶିଆ ଗଣ୍ଡରେ ପ୍ରାକୃତିକ ଭାବେ ଘଡ଼ିଆଳ ପ୍ରଜନନ କରିଛନ୍ତି। ଘଡ଼ିଆଳଙ୍କ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ସହ କଡ଼ା ନଜର ରଖାଯାଇଛି। ଭାରତରେ ଦେଖାଯାଉଥିବା ତିନି ପ୍ରଜାତିର କୁମ୍ଭୀର ଯଥା: ଘଡ଼ିଆଳ, ମଗର ଓ ସଲ୍ଟୱାଟର ଅଛନ୍ତି। ସୂଚନା ଅନୁଯାୟୀ ଘଡ଼ିଆଳଙ୍କ ସଂରକ୍ଷଣ ଓ ବଂଶ ବୃଦ୍ଧିକରିବାକୁ ରାଜ୍ୟ ସରକାର ୪ ବର୍ଷ ତଳେ ସାତକୋଶିଆ ଗଣ୍ଡରେ ପ୍ରକଳ୍ପ ଆରମ୍ଭ କରିଥିଲେ। କ୍ରମାଗତ ଭାବେ ଏଠାରୁ ସଫଳତା ମିଳୁଛି। ଗୋଟିଏ ଅଣ୍ଡିରା ଓ ମାଈ ଘଡ଼ିଆଳ ରହିଥିବା ବେଳେ କିଛିଦିନ ତଳେ ଅଣ୍ଡାଦେଇ ତାହାକୁ ବାଲିରେ ଘୋଡ଼ାଇ ରଖିଥିଲେ। ଆଜି ସେଗୁଡ଼ିକ ଫୁଟିବା ସହ ଘଡ଼ିଆଳ ଛୁଆ ପଦାକୁ ଆସିଛନ୍ତି। ବନ ବିଭାଗ ପକ୍ଷରୁ ଘଡ଼ିଆଳଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ପୂର୍ବରୁ ଏହି ଗଣ୍ଡରେ ବହୁ ପରିମାଣରେ ଘଡ଼ିଆଳ ରହୁଥିଲେ। ମାତ୍ର ମହାନଦୀରେ ବାରମ୍ବାର ବନ୍ୟାଜଳ ଆସିବା ଦ୍ୱାରା ସେମାନଙ୍କ ବାସସ୍ଥଳୀ ପ୍ରଭାବିତ ହୋଇଥିଲା ଏବଂ ସେମାନେ ତଳକୁ ପଳାଇ ଯାଇଥିଲେ। ଏମିତିକି ମତ୍ସ୍ୟଜୀବୀମାନେ ମାଛ ମାରିବା ଦ୍ୱାରା ଘଡ଼ିଆଳଙ୍କ ଜୀବନ ଶୈଳୀ ପ୍ରଭାବିତ ହୋଇଥିଲା। କଡ଼ା ନଜର ସହ କଟକଣା ଲଗାଯିବା ପରେ ଏଭଳି ଖୁସି ଖବର ଆସିଛି।



■ ଅନୁଗୋଳ ପ୍ରଶାସନର ଖାମଖିଆଲ ମନୋଭାବ

# ଭୋଟର ତାଲିକାରେ ନାହିଁ ଅନେକ ସ୍ଥାୟୀ ବାସିନ୍ଦାଙ୍କ ନାମ

**ଅନୁଗୋଳ, ୨୪।୫(ସମିସ):** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ବାଚନରେ ନିଜ ଭୋଟଦାନ କରି ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହେବା ପାଇଁ ଭୋଟରମାନଙ୍କୁ ବିଭିନ୍ନ ଜରିଆରେ ବାରମ୍ବାର ନିବେଦନ କରିଆସୁଛନ୍ତି। ଏହାପାଇଁ ଅଜସ୍ର ଅର୍ଥ ଯେ ଖର୍ଚ୍ଚ କରାଯାଉଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। କିନ୍ତୁ ଉଭୟ ସରକାରଙ୍କ ଏହି ନିବେଦନକୁ ଅନୁଗୋଳ ପ୍ରଶାସନ ଯେମିତି ପରିହାସ କରୁଛି, ସେହିଭଳି ମେନହୁଏ। ଶନିବାର ତୃତୀୟ ପର୍ଯ୍ୟାୟରେ ଅନୁଗୋଳରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଅନେକ ଭୋଟରଙ୍କ ନାଁ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ତେଣୁ ସେମାନେ ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନରେ ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ। ଯେଉଁମାନଙ୍କ ନାଁ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି, ସେମାନେ ହେଉଛନ୍ତି ସ୍ଥାୟୀ ବାସିନ୍ଦା ଓ ବିନା ଅସୁବିଧାରେ ନିର୍ବାଚନରେ ନିଜର ମତଦାନ କରି ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆଶାୟୀ ପ୍ରାର୍ଥୀଙ୍କୁ ନିର୍ବାଚିତ କରିଆସିଛନ୍ତି। ସୂଚନା ଅନୁଯାୟୀ କେବଳ ସ୍ଥାୟୀ ବାସିନ୍ଦାମାନଙ୍କ ଯାହାର

● ଅଦାଲତର ଆଶ୍ରୟ ନେବାକୁ ସଜବାଜ

ଭୋଟର ତାଲିକା ସଂଶୋଧନ କରିବାର କୌଣସି ଆବଶ୍ୟକତା ନ ଥାଏ, ଭୋଟର ତାଲିକାରୁ ସେମାନଙ୍କ ନାମ କଟିଛି। ଅନେକ ନାଗରିକଙ୍କ ନାଁ କଟିବାର କାରଣ ଜାଣିବାକୁ ଚେଷ୍ଟା ଆମେ କରିଥିଲୁ। କିନ୍ତୁ କେହି କିଛି ଉତ୍ତର ଦେଇପାରି ନ ଥିଲେ। କେବଳ ଏତିକି ଉତ୍ତର ମିଳିଥିଲା ଯେ, ନିର୍ବାଚନ ପରେ ଭୋଟର ତାଲିକା ସଂଶୋଧନ କରାଯିବ ଓ ସେହି ସମୟରେ ଯେଉଁମାନଙ୍କ ନାଁ ଭୋଟର ତାଲିକାରୁ ବାଦ୍ ପଡ଼ିଛି, ସେମାନେ ଅଭିଯୋଗ କଲେ ପୁନର୍ବାର ସେମାନଙ୍କ ନାଁ ଭୋଟର ତାଲିକାରେ ଯୋଡ଼ି ଦିଆଯିବ। ହେଲେ କେମିତି ସେମାନେ ଭୋଟର ତାଲିକାରୁ ବାଦ୍ ପଡ଼ିଲେ, ସେ ସମ୍ପର୍କରେ କିଛି ଉତ୍ତର ମିଳିନାହିଁ। କିଛି ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ନାଗରିକ ଏଥିପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଭୋଟଦାନ ଅଧିକାରରୁ ବଞ୍ଚିତ କରିଥିବା ଦୋଷୀ ସରକାରୀ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି। ଉଚ୍ଚ ନ୍ୟାୟାଳୟରୁ ସେମାନେ କିପରି ଦୃଷ୍ଟାନ୍ତମୂଳକ ଦଣ୍ଡ ପାଉଛନ୍ତି, ତାହା ସମୟ କହିବ।

# ଯୁବକଙ୍କ ଆକ୍ରମଣରେ ପୁଲିସ ଏସ୍ଆଇ ଗୁରୁତର

**ଛେଣ୍ଡିପଦା,୨୪।୫(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ମଣ୍ଡୁଆ ଗ୍ରାମରେ ଜଣେ ଯୁବକଙ୍କ ଆକ୍ରମଣରେ ଛେଣ୍ଡିପଦା ଥାନା ଏସଆଇ ରାଜେଶ ଶତପଥି ଗୁରୁତର ଆହତ ହୋଇଛନ୍ତି । ମଣ୍ଡୁଆ ଗ୍ରାମରେ ଜଣେ ମହିଳାଙ୍କୁ ସେହି ଗ୍ରାମର ପିଣ୍ଟୁ ବେହେରା ଦୁର୍ବ୍ୟବହାର କରିଥିଲେ । ଏ ନେଇ ଛେଣ୍ଡିପଦା ଥାନାରେ ମହିଳା ଜଣଙ୍କ ଅଭିଯୋଗ କରିଥିଲେ । ଉକ୍ତ ଘଟଣା ଖବର ପାଇ ଛେଣ୍ଡିପଦା ଥାନା ଏସଆଇ ରାଜେଶ ଶତପଥି ମଣ୍ଡୁଆ ଗ୍ରାମରେ ପହଞ୍ଚି ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲେ । ସେହି ସମୟରେ ପିଣ୍ଟୁ ବେହେରା ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଅସଦାଚରଣ କରିଥିଲେ । ଏହା ଦେଖି ପୁଲିସ ବାରଣ କରିବାରୁ ପିଣ୍ଟୁ ବେହେରା ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହିତ ପୁଲିସ ରାଜେଶ ସତପଥଙ୍କୁ ଧକ୍କାମାରି ତଳେ ପକେଇ ଦେଇଥିଲା। ଫଳରେ ରାଜେଶ ଶତପଥି ଏକ ପଥରରେ ପଡ଼ିଯାଇଥିଲେ । ଏହାପରେ ପିଣ୍ଟୁ ବେହେରା ଏସଆଇଙ୍କ ଉପରେ ବସି ଜୀବନରେ ମାରିଦେବା ପାଇଁ ବେକକୁ ଚିପିଧରିଥିଲା । ଏହା ଦେଖି ଅନ୍ୟ ପୁଲିସ କର୍ମଚାରୀମାନେ ତୁରନ୍ତ ରାଜେଶଙ୍କୁ ଉଦ୍ଧାର କରିବା ସହିତ ଗୁରୁତର ଅବସ୍ଥାରେ ଛେଣ୍ଡିପଦା ମେଡିକାଲରେ ଭର୍ତ୍ତିକରି ଚିକିତ୍ସା କରିଥିଲେ । ଜଣେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ ନେଇ ଏସଆଇ ରାଜେଶ ଶତପଥି ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ପୁଲିସ ପିଣ୍ଟୁ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

# ଖଣ୍ଡା ଚୋଟରେ ଜଣେ ଗୁରୁତର; ୨ ଗିରଫ

**ଛେଣ୍ଡିପଦା,୨୪।୫(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ତେନ୍ତୁଲୋଇ କୋଡ଼ାସାହି ଗ୍ରାମପଞ୍ଚାୟତର ହାଣ୍ଡିଗୋଡ଼ା ଗ୍ରାମରେ କୋଠ ଘରେ ଶୋଇବାକୁ ନେଇ ଗଣ୍ଡଗୋଳ ଘଟିଛି। ଜଣେ ଯୁବକ ଅନ୍ୟ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି କ୍ଷତାକ୍ତ କରିଥିବା ଜଣାପଡିଛି । ତେବେ ଗୁରୁତର ଯୁବକଙ୍କୁ ପ୍ରଥମେ ପରିବାର ଲୋକ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରୁ କଟକ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଗୁରୁତର ଯୁବକ ଜଣକ ହେଲେ ହାଣ୍ଡିଗୋଡ଼ା ଗ୍ରାମ ବାରମଞ୍ଚାସାହିର ବନମାଳି ପ୍ରଧାନଙ୍କ ପୁଅ ଗୋବିନ୍ଦ ପ୍ରଧାନ। ଘଟଣାରୁ ପ୍ରକାଶ ଯେ, ଉକ୍ତ ସାହିରେ ଥିବା କୋଠ ଘରେ ଗୁରୁବାର ରାତ୍ରୀରେ ଶତ୍ରୁଘନ ଗୋଛାୟତ ଶୋଇଥିଲେ। ଏହି ସମୟରେ ହାଣ୍ଡିଗୋଡ଼ା ଗ୍ରାମ ବାରମଞ୍ଚାସାହିର ଖଗ ସାହୁଙ୍କ ପୁତ୍ର ଦୟା ସାହୁ କୋଠ ଘର ପାଖକୁ ଆସି ଶତ୍ରୁଘନ ଶୋଇଥିବାରୁ ସେ ଦଳିତ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କୁ ବାରଣ କରିଥିଲେ। ଶୋଇବାକୁ ମନା କରିବାରୁ ଶତ୍ରୁଘନ ଓ ଦୟାଙ୍କ ମଧ୍ୟରେ ବଚସା ହୋଇଥିଲା। ସେହି ସମୟରେ ବଚସା ଶୁଣି ଗୋବିନ୍ଦ ଏକ ବାଡ଼ି ଧରି ଦୟା ପାଖକୁ ଆସି ଶତ୍ରୁଘନଙ୍କୁ ଶୋଇବାକୁ କାହିଁକି ବାରଣ କରୁଛୁ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇ ଗଣ୍ଡଗୋଳ ହୋଇଥିଲା। ବଚସା ପରେ ଉଭୟ ଦୟା ଓ ଗୋବିନ୍ଦ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। କିଛି ସମୟ ପରେ ଗୋବିନ୍ଦ ତାଙ୍କ ଘର ଖଳା ପାଖରେ ଠିଆ ହୋଇଥିଲେ। ସେହି ସମୟରେ ଦୟା ଘରୁ ଏକ ଧାରୁଆ ଖଣ୍ଡା ଆଣି ଗୋବିନ୍ଦଙ୍କୁ ଆକ୍ରମଣ କରି ହାଣି କ୍ଷତାକ୍ତ କରିଥିଲେ। ଦୟା ଏହି କାଣ୍ଡ ଘଟାଉଥିବା ବେଳେ ଉକ୍ତ ଗ୍ରାମର ଦୟାଙ୍କ ଭିଣେଇ ଦୁଃଶାସନ ଘଟଣାସ୍ଥଳରେ ପହଞ୍ଚିବାରୁ ଦୟା ସେଠାରୁ ଚାଲିଯାଇଥିଲା। ଗୋବିନ୍ଦଙ୍କ କାନ୍ଧ, ବେକ, ଗାଲ ଓ ହାତରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ପରିବାର ଲୋକ ତୁରନ୍ତ ଗୋବିନ୍ଦଙ୍କୁ ଗୁରୁତର ଅବସ୍ଥାରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଯାଇଥିଲେ। ସେଠାରେ ପ୍ରଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଗୋବିନ୍ଦଙ୍କ ସ୍ତ୍ରୀ ଲିଜା ସାହୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଛେଣ୍ଡିପଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ସେହି ରାତ୍ରୀରେ ପୁଲିସ ଚଢ଼ଉ କରି ଏଥିରେ ସମ୍ପୃକ୍ତ ଦୟା ଓ ତାଙ୍କର ଭିଣେଇ ଦୁଃଶାସନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ଏନେଇ ଛେଣ୍ଡିପଦା ଥାନା କେସ ନଂ ୨୪୭/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଛେଣ୍ଡିପଦା,୨୪।୫(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ପାତ୍ରପଡ଼ା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଜଣଙ୍କ ପାତ୍ରପଡ଼ା ଗ୍ରାମର ବୁଧୁ ସେଠି ବୋଲି ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ପାତ୍ରପଡ଼ା ଗ୍ରାମର ବୁଧୁ ସେଠି ସକାଳ ସମୟରେ ଗ୍ରାମ ନିକଟସ୍ଥ କଲାହାତୀ ଜଙ୍ଗଲ ପାଖରେ ଥିବା କାଜୁ ବଗିଚାକୁ କାଜୁ ତୋଳିବାକୁ ଯାଇଥିଲା ବେଳେ ହଠାତ ଏକ ଭାଲୁ ଆକ୍ରମଣ କରିଥିଲା । ଫଳରେ ବୁଧୁ ଚିତ୍କାର କରିବାରୁ ପାଖ ବଗିଚାରେ ଥିବା କିଛି ଲୋକ ଦୌଡ଼ି ଆସିବାରୁ ଭାଲୁଟି ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲା। ଏହା ପରେ ଲୋକମାନେ ବୁଧୁଙ୍କ ପରିବାର ଲୋକଙ୍କୁ ଖବର ଦେବା ସହିତ ତୁରନ୍ତ ବୁଧୁଙ୍କୁ ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଥିଲେ । ଭାଲୁ ଆକ୍ରମଣରେ ବୁଧୁଙ୍କ ବାମ ପାଖ ଛାତି ଓ ଡାହାଣ ପାଖ କାନ୍ଧରେ ଗଭୀର କ୍ଷତ ଲାଗିଛି ।

# ନାଲ୍କୋ କଲୋନୀରେ ଜଳସଂକଟ

ଅନୁଗୋଳ, ୨୪।୫(ସମିସ)

ନାଲକୋ ସିପିପି ପ୍ଲାଣ୍ଟ, ସ୍ମେଲଟର ପ୍ଲାଣ୍ଟ, ଟାଉନସିପ ପ୍ରଭୃତି ଅଞ୍ଚଳର ଜଳ ଆବଶ୍ୟକତାକୁ ପୂରଣ କରୁଛି ବ୍ରାହ୍ମଣୀ ନଦୀ। ଏଥିଲାଗି ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପଡ଼ା ପଞ୍ଚାୟତ ଦାସନାଳୀ ଝାଡ଼ିଅମ୍ବା ଠାରେ ସ୍ଥାପିତ ଇନଟେକ ପମ୍ପ ହାଉସରୁ ପାଇପ ଯୋଗେ ସିପିପି ୱାଟର ରିଜର୍ଭରରେ ପହଞ୍ଚିଥାଏ। ଦୈନିକ ୧-୧.୧୦ଲକ୍ଷ କ୍ୟୁବିକ ମିଟର ତଥା ମାସିକ ୩୫ ଲକ୍ଷ କ୍ୟୁବିକ ମିଟର ପାଣି ଯୋଗାଣ ପାଇଁ ସରକାରୀ ଅନୁମୋଦନ ରହିଛି। ଏଥିପାଇଁ ମଧ୍ୟ ନାଲକୋ ବାର୍ଷିକ ପ୍ରାୟ ୫୦୦ କୋଟି ଜଳକର ଭରୁଛି। ଏଥି ସହିତ ଅନ୍ୟାନ୍ୟ ଜଳଉତ୍ସରୁ ୧ ହଜାର କ୍ୟୁବିକ ମିଟର ଜଳ ମଧ୍ୟ ନାଲକୋ ବ୍ୟବହାରରେ ଆସୁଛି। ତେବେ ନାଲକୋବାସୀ ବେଳେ ବେଳେ କୌଣସି ନା କୌଣସି କାରଣରୁ ଜଳକଷ୍ଟ ଭିଗୁଛନ୍ତି। ଗତବର୍ଷ ନଦୀ ଜଳସ୍ତର କମିଯିବାରୁ ନାଲକୋ ଜଳସଂକଟ ଭୋଗିଥିଲା। କଲୋନୀକୁ ଜଳଯୋଗଣରେ ହ୍ରାସ କରାଯାଇଥିଲା। ଏପରିକି ସ୍ମେଲଟର ଓ ଟାଉନସିପରେ ଜରୁରୀକାଳୀନ ଟ୍ୟାଙ୍କର ଯୋଗେ କିଛିଦିନ ଜଳଯୋଗାଣ ହୋଇଥିଲା। ବ୍ରାହ୍ମଣୀ ନଦୀରୁ ଜଳଯୋଗାଣର ସ୍ଥାୟୀ ପ୍ରତିକାର ପାଇଁ ନଦୀରେ ଆଡ଼ିବନ୍ଧ ପକାଇବାକୁ ନାଲକୋ ଯୋଜନା କରୁଛି। ପରିବେଶ ମଞ୍ଜୁରୀ ଅପେକ୍ଷାରେ ରହିଛି। ତେବେ ବର୍ତ୍ତମାନ ନାଲକୋର ଆବଶ୍ୟକତା ଅନୁସାରେ





■ ଜଳ ଅପଚୟ, ବାଟମାରଣା ସହ ପରିଚାଳନାଗତ ତ୍ରୁଟି

■ ଟାଉନସିପ୍‌କୁ ଦୈନିକ ୬ ହଜାର କ୍ୟୁବିକ ମିଟର ଜଳଯୋଗାଣ

■ ୪୭୦୦ କ୍ୱାର୍ଟରରୁ ୨୦୦୦ ଖାଲି, ତଥାପି ନିଅଣ୍ଟ ପାଣି

■ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କଲା ନାଲ୍କୋ କର୍ମଚାରୀ ସଂଘ

ପାଣି ଆସୁଛି। ସିପିପି ପ୍ଲାଣ୍ଟକୁ ୭୫ରୁ ୮୫ ହଜାର କ୍ୟୁବିକ ମିଟର, ସ୍ମେଲଟରକୁ ୨୪ ହଜାର କ୍ୟୁବିକ ମିଟରରୁ ସ୍ମେଲଟର ପ୍ଲାଣ୍ଟ ୬ହଜାର, କଲୋନୀକୁ ୬ହଜାର କ୍ୟୁବିକ ମିଟର ଜଳଯୋଗାଣ ହେଉଛି ଏବଂ ପାରିପାର୍ଶ୍ୱିକ ଗ୍ରାମ ପାଇଁ ୩ ହଜାର କ୍ୟୁବିକ ମିଟର ପାଣି ଯୋଗାଣ ହେଉଛି। ତେବେ ପରିଚାଳନାଗତ ତ୍ରୁଟି ଯୋଗୁଁ ସମୟ ସମୟରେ ନାଲକୋ ଜଳ ଅଭାବର ସମ୍ମୁଖୀନ ହେଉଛି ବୋଲି ଶ୍ରମିକ ନେତାମାନେ କୁହନ୍ତି। ଗତ ଶୁକ୍ରବାର ସନ୍ଧ୍ୟାରେ ପାଣି ଯୋଗାଣ ବିଳମ୍ବିତ ରାତିରେ ହୋଇଥିଲା। ଶନିବାର ସକାଳ ସାଢେ ଛ'ଟାରେ ଆସିବା ପରିବର୍ତ୍ତେ ସକାଳ ୯ଟାରେ ପାଣି ଆସିଥିଲା। କିଛିଦିନ ପାଇଁ ଜଳ ଯୋଗାଣରେ ବ୍ୟତିକ୍ରମ ରହିବ। ସ୍ୱଳ୍ପ ସମୟ ଜଳ ଯୋଗାଣ ଭିତରେ ଆବଶ୍ୟକ ଜଳ ସଂଗ୍ରହ କରି ନେବାକୁ ଆଜି ସିଭିଲ ବିଭାଗ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଛି।

ଏକ ଆକଳନରୁ ଜଣାଯାଏ ନାଲକୋ କଲୋନୀରେ ବିଭିନ୍ନ ବର୍ଗର ୪୭୦୦ ଟି କ୍ୱାର୍ଟର ରହିଛି। ଅପର ପକ୍ଷରେ ଅବସର ପରେ କର୍ମଚାରୀ ସଂଖ୍ୟା ହ୍ରାସ ପାଇ ସ୍ମେଲଟର ପ୍ଲାଣ୍ଟର କର୍ମଚାରୀ ସଂଖ୍ୟା ୧୪୦୦, ଅଧିକାରୀଙ୍କ ସଂଖ୍ୟା ପ୍ରାୟ ୭୦୦ ଏବଂ ସିପିପି ପ୍ଲାଣ୍ଟରେ ୩୫୦ କର୍ମଚାରୀ, ୪୦୦ ଅଧିକାରୀ କାର୍ଯ୍ୟରତ ଅଛନ୍ତି। ସମୁଦାୟ କର୍ମଚାରୀଙ୍କ ମଧ୍ୟରୁ କିଛି ନିଜ ଘରେ ଟାଉନସିପ ବାହାରେ ରହୁଥିବା ମଧ୍ୟ ଜଣାଯାଏ। କ୍ୱାର୍ଟର ସଂଖ୍ୟାର ଅଧାରୁ ଅଧିକ କ୍ୱାର୍ଟର ଖାଲି ପଡ଼ିଛି। ଖାଲି ପଡିଥିବା କେତେକ କ୍ୱାର୍ଟରକୁ ଜଳ ଯୋଗାଣ ଫଳରେ ଅପଚୟ ହେଉଛି ବୋଲି ମଧ୍ୟ ନାଲକୋବାସୀ ପ୍ରକାଶ କରୁଛନ୍ତି। ନାଲକୋ ପରିସର ବାହାରେ ପାଇପ ଲାଇନରୁ ପାଣି ବାଟମାରଣା ହେଉଥିବା ଦେଖାଯାଉଛି। ଜଳ ଅପଚୟ ଓ ବାଟମାରଣା ହେଉଥିବା ଯୋଗୁ ଜଳସଂକଟ ହେଉଛି। ଏ ସମସ୍ୟା ସଂପର୍କରେ ଆଜି ନାଲକୋ ଏମ୍ପ୍ଲଇଜ୍ ସଂଘ ପକ୍ଷରୁ ଲିଖିତ ଭାବେ ନାଲକୋ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଏକ ପ୍ରେସ ଇସ୍ତାହାରରେ ସଂଘ ସଭାପତି ନିର୍ମଳ ସାମଲ ପ୍ରକାଶ କରିଛନ୍ତି।

# ଢେଙ୍କାନାଳ ଲୋକସଭା ଓ ୪ ବିଧାନସଭା ଆସନ ଲାଗି ଆଜି ଭୋଟ

- ସମସ୍ତ ପ୍ରସ୍ତୁତି ଶେଷ; ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ୧୦୨୧ ମତଦାନ କେନ୍ଦ୍ରରେ ୯.୭୨ ଲକ୍ଷ ଭୋଟର
- ୧ ହଜାର ୨୧ଟି ବୁଥରୁ ୧୧୧ଟି ସମ୍ବେଦନଶୀଳ



**ଢେଙ୍କାନାଳ, ୨୪।୫(ସମିସ)**

ଢେଙ୍କାନାଳ ଲୋକସଭା ଓ ୪ଟି ବିଧାନସଭା ଆସନ ନିମନ୍ତେ ଶନିବାର ଭୋଟ ଗ୍ରହଣ କରାଯିବ। ଏହି ନିର୍ବାଚନ ପରିଚାଳନା କରିବା ପାଇଁ କାମାକ୍ଷାନଗର, ହିନ୍ଦୋଳ ଓ ପରଜଙ୍ଗରେ ପୋଲିଂ ପାର୍ଟି ନିଜ ନିଜ ବୁଥରେ ପହଞ୍ଚିଛନ୍ତି। ଢେଙ୍କାନାଳ ଲୋକସଭା ସହିତ ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ ଓ ଢେଙ୍କାନାଳ ବିଧାନସଭାରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚଳିତ ନିର୍ବାଚନରେ ମୋଟ ୧୩ ଲକ୍ଷ ୮ ହଜାର ୧୮୨ଜଣ ଲୋକଙ୍କ ମଧ୍ୟରୁ ୯ ଲକ୍ଷ ୭୨ ହଜାର ୩୩ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ୪ଲକ୍ଷ ୭୦୮ ହଜାର ୫୧୯ ହୋଇଥିବା ବେଳେ ପୁରୁଷଙ୍କ ସଂଖ୍ୟା ୫ଲକ୍ଷ ୧ ହଜାର ୪୩ ଜଣ ବୋଲି ଜଣାପଡ଼ିଛି। ଭୋଟରମାନଙ୍କ ମଧ୍ୟରେ ତୃତୀୟ ଲିଙ୍ଗୀ ୭୧ଜଣ, ଦିବ୍ୟାଙ୍ଗ ୧୫ ହଜାର ୮୩୯ଜଣ ରହିଛନ୍ତି। ସେହିପରି ଚଳିତ ନିର୍ବାଚନରେ ୧୮ରୁ ୧୯ ବର୍ଷ ମଧ୍ୟରେ ୨୧ ହଜାର ୬୨୭ଜଣ ଭୋଟର ରହିଥିବା ବେଳେ ୨୦ରୁ ୨୯ବର୍ଷ ମଧ୍ୟରେ ୧୮ ହଜାର ୩୮ଜଣ ଭୋଟର ସେମାନଙ୍କର ମତଦାନ କରିବେ। ୮୫ବର୍ଷରୁ ଅଧିକ ୧ ହଜାର ୩୦୭ଜଣ ଭୋଟର ଥିବା ଜଣାପଡ଼ିଛି। ବିଶେଷ ଆଦିବାସୀ ଗୋଷ୍ଠୀର ୭ ହଜାର ୬୫୧ଜଣ ମତଦାତା ରହିଛନ୍ତି। ନିର୍ବାଚନ ପରିଚାଳନ କରିବା ପାଇଁ ଲେକସଭା ପାଇଁ ଜଣେ ଆରଓ ଏବଂ ୪ଟି ବିଧାନସଭା ପାଇଁ ୪ଜଣ ଆରଓ ରହିଛନ୍ତି। ସେହିପରି ୪ ବିଧାନସଭାରେ ୮ଜଣ ଏଆରଓ ଏବଂ ୯୯ଜଣ ସେକ୍ଟର ଅଫିସର, ୯୯ଜଣ ସେକ୍ଟର ପୋଲିସ ଅଧିକାରୀ, ୧୩୦ଜଣ ମାଇକ୍ରୋ ଅବଜରଭର, ୧ହଜାର ୧୩୧ଜଣ ପ୍ରିଜାଇଡିଂ ଅଧିକାରୀ, ୫ ହଜାର ୬୫୫ଜଣ ପୋଲିଂ ଅଧିକାରୀ, ୧ ହଜାର ୨୧ ବିଏଲଓ, ୧୬ଜଣ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ପାଇଁ ୧ ହଜାର ୨୧ଟି ବୁଥ ଗଠନ କରାଯାଇଥିବା ବେଳେ ସହରାଞ୍ଚଳରେ ୮୫ ଏବଂ ଗ୍ରାମାଞ୍ଚଳରେ ୯୩୫ ବୁଥ ରହିଛି। ମୋଟ ୭୪୭ଟି ମତଦାନ କେନ୍ଦ୍ର ରହିଥିବା ବେଳେ ସହରାଞ୍ଚଳରେ ୪୩ ଏବଂ ଗ୍ରାମାଞ୍ଚଳରେ ୭୦୪ଟି ମତଦାନ କେନ୍ଦ୍ର ଗଠନ କରାଯାଇଛି। ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରେ ୨୭୩ଟି, କାମାକ୍ଷାନଗରରେ ୨୩୬ଟି, ହିନ୍ଦୋଳରେ ୨୭୦ଟି, ପରଜଙ୍ଗରେ ୨୪୨ଟି ମତଦାନ କେନ୍ଦ୍ର କରାଯାଇଛି। ମୋଟ ମତଦାନ କେନ୍ଦ୍ର ମଧ୍ୟରୁ ୧୧୧ଟି ସମ୍ବେଦନଶୀଳ ମତଦାନ କେନ୍ଦ୍ର ରହିଥିବା ବେଳେ ଢେଙ୍କାନାଳ ବିଧାନସଭାରେ ୪୨ଟି, ହିନ୍ଦୋଳରେ ୨୨ଟି, କାମାକ୍ଷାନଗରରେ ୨୭ଟି, ପରଜଙ୍ଗରେ ୨୦ ସମ୍ବେଦନଶୀଳ ବୁଥରହିଛି। ମତଦାନ ପାଇଁ ୫୫ ଢେଙ୍କାନାଳ ଆସନ ପାଇଁ ମହିଷାପାଟଠାରେ ଷ୍ଟ୍ରଙ୍ଗ ରୁମ ସହିତ ଇଭିଏମ, ଭିଭିପାଟ, ଗ୍ରହଣ, ଦାଖଲ ଓ ଭୋଟ ଗଣତି କେନ୍ଦ୍ର ଗଠନ ହୋଇଥିବା ବେଳେ ୫୬ ହିନ୍ଦୋଳ ପାଇଁ ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟ, ୫୭ କାମାକ୍ଷାନଗର ପାଇଁ କାମାକ୍ଷାନଗର ମହାବିଦ୍ୟାଳୟ, ୫୮ ପରଜଙ୍ଗ ପାଇଁ କାମାକ୍ଷାନଗର ମହାବିଦ୍ୟାଳୟରେ କେନ୍ଦ୍ର କରାଯାଇଛି। ସେହିପରି ହିନ୍ଦୋଳ ଓ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ୫୧୨ଟି ବୁଥକୁ ପୋଲିଂ ପାର୍ଟି ପହଞ୍ଚିଛନ୍ତି। ୨୦ଟିରେ ୱେବ୍ କାଷ୍ଟିଂର ବ୍ୟବସ୍ଥା କରାଯାଇଛି। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ହିନ୍ଦୋଳରେ ୨ଟି ଓ ପରଜଙ୍ଗର ୭ଟି ବୁଥରେ ଆଦୌ ମୋବାଇଲ ନେଟୱାର୍କ ନାହିଁ। ଏଥିପାଇଁ ପୁଲିସ ପକ୍ଷରୁ ଭିଏଚଏଫ୍ ଭ୍ୟାନ ମୁତୟନ କରାଯାଇଛି। ଏହି ବୁଥରେ ମାଇକ୍ରୋ ଅବଜରଭର ରହିବେ ବୋଲି ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

- ପରଜଙ୍ଗ ବିଧାନସଭା କ୍ଷେତ୍ରରେ ୨୦ ବୁଥ ଉତ୍ତେଜନା ପ୍ରବଣ

## ୨୪୨ ବୁଥରେ ଭୋଟଦେବେ ୨.୨୨ ଲକ୍ଷ ମତଦାତା

**ଢେଙ୍କାନାଳ, ୨୪।୫(ସମିସ) :** ପରଜଙ୍ଗ ନିର୍ବାଚନ ମଣ୍ଡଳୀର ୨୪୨ ବୁଥରେ ୨ ଲକ୍ଷ ୨୨ ହଜାର ୮ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୧ ଲକ୍ଷ ୧୩ ହଜାର ୬୫୨ ପୁରୁଷ, ୧ ଲକ୍ଷ ୮ହଜାର ୩୪୪ ମହିଳା ଓ ୧୨ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୨୦ଟି ବୁଥ ଉତ୍ତେଜନା ପ୍ରବଣ ଚିହ୍ନଟ ହୋଇଛି। ଏହି ବୁଥ ଗୁଡିକରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ରହିଛନ୍ତି। ୭ଟି ବୁଥରେ ମୋବାଇଲ ନେଟୱାର୍କ ନଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

- ନିର୍ବାଚନ ପୂର୍ବରୁ ପୁଲିସ ପ୍ରଶାସନର ବ୍ୟାପକ ପଦକ୍ଷେପ

## ୧୫ ପଳାତକ ଗିରଫ, ୧୬୫୪ଜଣଙ୍କୁ ପୁଲିସର ନୋଟିସ୍

**ଢେଙ୍କାନାଳ, ୨୪।୫(ସମିସ) :** ଚଳିତ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ସମ୍ପୂର୍ଣ୍ଣ କରିବାକୁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ମୋଟ ୮୦୫ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ ୭୯୦ଜଣ ୱାରେଣ୍ଟି ଓ ୧୫ଜଣ ପଳାତକ ରହିଛନ୍ତି। ୧୨୯ଜଣଙ୍କୁ ପଳାତକ ଘୋଷଣା କରାଯାଇ ସେମାନଙ୍କ ଘରେ ଡିଣ୍ଡିମା ପିଟିବାରୁ ୧୫ଜଣ ଧରାପଡ଼ିଥିଲେ। ଏଥିମଧ୍ୟରୁ ନିହଳପ୍ରସାଦ ଥାନା ନିତ୍ୟାନନ୍ଦପୁରର ଏକ ହତ୍ୟାକାଣ୍ଡର ୭ଜଣ ପଳାତକ ଏକାସଙ୍ଗେ ଆତ୍ମସମର୍ପଣ କରିଥିଲେ। ସିଆରପିସି ୧୦୭ ଦଫାରେ ୧୫୧୫ଜଣ, ସିଆରପିସି ୧୧୦ ଦଫାରେ ୧୩୯ଜଣଙ୍କୁ ନୋଟିସ ପ୍ରଦାନ କରାଯାଇଛି। ଏହି ନିର୍ବାଚନରେ କୌଣସି ବ୍ୟକ୍ତି ବିଶୃଙ୍ଖଳିତ କାର୍ଯ୍ୟରେ ନିୟୋଜିତ ରହିଲେ ସେମାନଙ୍କୁ ଗିରଫ କରାଯିବ ବୋଲି ଚେତାଇ ଦିଆଯାଇଛି। ୧୧ଟି ବେଆଇନ ବନ୍ଧୁକ ସହ ୨୮ ରାଉଣ୍ଡ ଗୁଳି ଜବତ କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଥିବା ଏସପି ମଡକର ସମ୍ବିତ ସମ୍ପଦ ସୂଚନା ଦେଇଛନ୍ତି।

- ୧୧ ବେଆଇନ ବନ୍ଧୁକ ସହ ୨୮ ରାଉଣ୍ଡ ଗୁଳି ଜବତ

## ମାନତୀରା ଶ୍ରୀଜଗନ୍ନାଥ ମନ୍ଦିରରେ ଚନ୍ଦନ ଯାତ୍ରା



**ଦାନଗଦି, ୨୪।୫(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ମାନତୀରା ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିରରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ଶ୍ରୀମଦନମୋହନଙ୍କ ବିଜେ ପ୍ରତିମା ଭୂଦେବୀ ଶ୍ରୀଦେବୀଙ୍କ ସହ ମାନତୀରାରେ ଥିବା ଏକ ପୁଷ୍କରିଣୀରେ ଚାପ ଖେଳିଥିଲେ। ମାନତୀରା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ମାନତୀରା ମଣ୍ଡଳର ମାନତୀରା ଶାଖା ଚାରଣ ଭାଇ, ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀଙ୍କ ମିଳିତ ଆୟୋଜନରେ ମହାପ୍ରଭୁଙ୍କ ଯାତ୍ରା ଉତ୍ସବ ଆୟୋଜିତ ହୋଇଥିଲା। ଉକ୍ତ ଉତ୍ସବରେ ବିଭିନ୍ନ ଗ୍ରାମରୁ ଶହଶହ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ, ଭାଗବତ ସଭା ଅନୁଷ୍ଠିତ ହୋଇଥିଲା।

## ବ୍ରାହ୍ମଣୀ ନଦୀରେ ଚାପ ଖେଳିଲେ ଶ୍ରୀଜୀଉ



**କବାଟବନ୍ଧ, ୨୪।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ତଇଲାସାହିଠାରେ ଚନ୍ଦନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣୀ ନଦୀରେ ମହାପ୍ରଭୁ ଚାପ ଖେଳିଛନ୍ତି। ତଇଲାସାହି ଗ୍ରାମର ଅନନ୍ତ ଗୋପାଳ ମନ୍ଦିରର ଚଳନ୍ତି ପ୍ରତିମା ଛତିଆ ବଟ ଧାମର ଗୋପାଳଜୀଉ ମଣିମା ଜଗନ୍ନାଥ ଦାସ ଓ ସହଧର୍ମିଣୀ ଶ୍ରୀମତୀ ଶୁଭଶ୍ରୀ ଦାସ ଭକ୍ତଙ୍କ ସହ ଚନ୍ଦନ ଯାତ୍ରା କରିଥିଲେ। ବିଭାନରେ ବସି ନଗର ପରିକ୍ରମା କରି ତଇଲାସାହିସ୍ଥ ବ୍ରାହ୍ମଣୀ ନଦୀ ପଠାରେ ଥିବା ଗ୍ରାମ ଦେବତୀ ମା' ଘୁମା ଦେବୀଙ୍କ ମଣ୍ଡପରେ ପୂଜା ପାଇବା ପରେ ବ୍ରାହ୍ମଣୀରେ ଚାପ ଖେଳିଥିଲେ। ଶହ ଶହ ଭକ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ଶୁଭ କାର୍ଯ୍ୟରେ ତଇଲାସାହି ଗ୍ରାମବାସୀ ସହଯୋଗ କରିଥିଲେ।

## ଚାପ ଖେଳିଲେ ରାଧାଗୋବିନ୍ଦ

**ବ୍ରହ୍ମବରଦା, ୨୪।୫(ସମିସ):** ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ମନ୍ଦିରରେ ଶୋଭା ପାଉଥିବା ପ୍ରଭୁ ରାଧାକୃଷ୍ଣଙ୍କ ପ୍ରତିମା ପବିତ୍ର ଚନ୍ଦନ ପୂର୍ଣ୍ଣିମାରେ ଚାପ ଖେଳିଥା'ନ୍ତି। ଏହି କ୍ରମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ରହ୍ମବରଦା ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ଥିବା ପ୍ରଭୁ ରାଧାଗୋବିନ୍ଦଙ୍କ



ମନ୍ଦିର ପରିସରରେ ପୂଜା କମିଟି ପକ୍ଷରୁ ଚାପ ଖେଳର ଆୟୋଜନ କରାଯାଇଥିଲା। ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତ ରାଧାଗୋବିନ୍ଦଙ୍କ ଏହି ଉତ୍ସବରେ ନିଜକୁ ସାମିଲ କରିଥିଲେ। ଚଣ୍ଡି ମନ୍ଦିର ପୂଜା କମିଟିର ବରିଷ୍ଠ ଉପଦେଷ୍ଟା ପବିତ୍ର ବିଶ୍ୱାଳ, ବିଷ୍ଣୁଚରଣ ଓଝା, ଦେବବ୍ରତ ବିଶ୍ୱାଳ, କାର୍ତ୍ତିକ ଓଝା, ବିଚିତ୍ର ଓଝା, ସୁଶାନ୍ତ ଓଝା, ରତିକାନ୍ତ ପାଢ଼ୀ, ଫକୀର ଚରଣ ସାହୁ, ବିଶ୍ୱନାଥ ନାୟକ, ଲୋକନାଥ ଓଝାଙ୍କ ସମେତ ବହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

- ଅଭୟ ନୃସିଂହ ଜନ୍ମୋତ୍ସବ

## ଆଦିତ୍ୟ ବାହିନୀ ପକ୍ଷରୁ ଶ୍ରୀକ୍ଷେତ୍ର ଅବଢ଼ା ବଣ୍ଟନ

**ଯାଜପୁର, ୨୪।୫(ସମିସ):** ବିରଜା କ୍ଷେତ୍ର ନିକଟସ୍ଥ ବଡ଼ଦୋଗଡ଼ାସ୍ଥ ପ୍ରଭୁ ନୃସିଂହଙ୍କ ଜନ୍ମୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ଏ ଅବସରରେ ବାବା ଅଭୟ ନୃସିଂହ ଆଦିତ୍ୟ ବାହିନୀ ଶାଖା ପକ୍ଷରୁ ଶାଖା ସଭାପତି ପ୍ରଦୀପ କୁମାର ବେହୁରିଆଙ୍କ ତତ୍ତ୍ୱାବଧାନରେ ପୁରୀରୁ ମହାପ୍ରଭୁ ଜଗନ୍ନାଥଙ୍କ ଅବଢ଼ା ଅଣାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ସୁମଧୁର ଜଳକୁ ମଧ ବଣ୍ଟନ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମକୁ ଅଧିକାରୀ ନବକିଶୋର ଦାସ, ରାମକୃଷ୍ଣ ବେହୁରିଆ, ଲତା ନାୟକ, ଭାରତୀ ନାୟକ ପରିଚାଳନା କରିଥିବାବେଳେ କମିଟିର ସଭ୍ୟ/ସଭ୍ୟା ସହଯୋଗ କରିଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ସଭା



**ଯାଜପୁର, ୨୪।୫(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କୋଦଣ୍ଡପୁର ସମ୍ପଦ କେନ୍ଦ୍ରଠାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତୀୟ ସଚେତନତା ସଭା ପ୍ରାଧିକରଣର ସଚିବ ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ଯାଜପୁର ପୌରପାଳିକା ଅଧକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ଓ ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ, ତା'ର ପୃଥକୀକରଣ, ଖତ ପ୍ରସ୍ତୁତି, ପୁନଃପ୍ରକ୍ରିୟାକରଣ ନୂତନ ନିର୍ମାଣ ସହିତ ପାରିପାର୍ଶ୍ୱିକ ସ୍ୱଚ୍ଛତା ଓ ପରିମଳ ବିଷୟରେ ଆଲୋଚନା କରିଥିଲେ। ପୌରପାଳିକାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱୟଂ ସହାୟିକା ଗୋଷ୍ଠି ଦ୍ୱାରା ପରିଚାଳିତ ସମ୍ପଦ କେନ୍ଦ୍ର ମାଧ୍ୟମରେ କିପରି କଠିନ ବର୍ଜ୍ୟବସ୍ତୁର ପରିଚାଳନା ହେଉଛି ସେସବୁକୁ ଅଂଶଗ୍ରହଣକାରୀ ବୁଲି ଦେଖି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ। ସ୍ଥାନୀୟ ପାରିଷଦ ରାଜକିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ସମ୍ପଦ କେନ୍ଦ୍ର କର୍ମଚାରୀ ସହଯୋଗ କରିଥିଲେ।

## ପୂର୍ବତନ ସମବାୟ ସମ୍ପାଦକଙ୍କ ପରଲୋକ



**ଦଶରଥପୁର, ୨୪।୫ (ସମିସ):** ଦଶରଥପୁର ବ୍ଲକ ପାଲଟପୁର ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସମ୍ପାଦକ ରମାକାନ୍ତ ପଣ୍ଡା (୬୬)ଙ୍କ ପରଲୋକ ହୋଇଛି। ସେ କିଛିଦିନ ହେବ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଚଳିତ ମାସ ୨୦ ତାରିଖରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଆଜି ଅପରାହ୍ନରେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବିଜେପି ବିଧାୟିକା ପ୍ରାର୍ଥିନୀ ବବିତା ମଲ୍ଲିକ, ସମାଜସେବୀ ଦାମୋଦର ମଲ୍ଲିକ, ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ, ସମିତିସଭ୍ୟ ଧିରେନ୍ଦ୍ର ମଲ୍ଲିକ, ପୀତବାସ ବେହେରା, ସରୋଜ ବିଶ୍ୱାଳ, ବିଜୟ ନାୟକ, ବୃନ୍ଦାବନ ଜେନା, ମହେଶ୍ୱର ଯେନା, ସବ୍ୟସାଚୀ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଶୋକବ୍ୟକ୍ତ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ପିୟୁଷ ପଣ୍ଡା ମୁଖାଗ୍ନି ଦେଇଥିଲେ।

## '୫-ଟି' ଅଧ୍ୟକ୍ଷଙ୍କ ଗସ୍ତକୁ ନେଇ ବ୍ୟାପକ ପ୍ରସ୍ତୁତି



**ବିଂଝାରପୁର, ୨୪।୫ (ସମିସ):** ଆସନ୍ତାକାଲି ବିଂଝାରପୁର ନିର୍ବାଚନମଣ୍ଡଳୀ ଗସ୍ତରେ ଆସୁଛନ୍ତି ବିଜୁ ଜନତା ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ଦୀର୍ଘଦିନ ଧରି ବିଜୁ ଜନତା ଦଳର ଗଡ଼ ଭାବେ ପରିଚିତ ବିଂଝାରପୁରେ ପାଣ୍ଡିଆନଙ୍କ ଗସ୍ତକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି। ବିଂଝାରପୁର ଯଜ୍ଞ ପଡ଼ିଆରେ ଆୟୋଜିତ ନିର୍ବାଚନୀ ସଭାରେ ପାଣ୍ଡିଆନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ପୂର୍ବାହ୍ନରେ ବିଜୁ ଜନତା ଦଳ ବ୍ଲକ ସଭାପତି ନନ୍ଦକିଶୋର ସାମଲ, ବିଜୁ ଜନତା ଦଳର ବ୍ଲକ ଉପସଭାପତି ସୁଖରଞ୍ଜନ ପରିଡ଼ା ସମେତ ଟାଣୁଆ କର୍ମୀ ସଭାସ୍ଥଳ ପରିଦର୍ଶନ କରି ପ୍ରସ୍ତୁତି କାର୍ଯ୍ୟକ୍ରମର ତଦାରଖ କରିଛନ୍ତି।

## ମଣ୍ଡିରେ ଧାନ ଦେବାକୁ ଚାହୁଁନାହାନ୍ତି ଚାଷୀ

**ମଙ୍ଗଳପୁର, ୨୪।୫(ସମିସ):** ଚଳିତ ବର୍ଷ ରବିଧାନ ପାଇଁ ସମବାୟ ସମିତିରେ ଧାନମଣ୍ଡି ଖୋଲିବାକୁ ସରକାରୀ ନିର୍ଦ୍ଦେଶନାମା ଆସିଥିବାବେଳେ ବର୍ତ୍ତମାନ ମଣ୍ଡିରେ ଧାନ ଦେବାକୁ ଚାହୁଁନାହାନ୍ତି ଚାଷୀ। କଟନି ଛଟନି କାରଣରୁ ଚାଷୀ ଏବେ ମଣ୍ଡିରେ ଧାନ ଦେବାକୁ କୁଣ୍ଠାବୋଧ କରିବା ସହ ବାହାର ବେପାରୀଙ୍କୁ ଧାନ ଦେବାକୁ ମନ ବଳାଉଥିବା ଦେଖିବା ପାଇଁ ମିଳିଛି। କାରଣ ଏବେ ମଣ୍ଡିରେ ଧାନ ଦେଲେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୫ କେଜି ଲେଖାଏଁ କଟାଯିବା ସହ ଓଜନ ପାଇଁ କ୍ୱିଣ୍ଟାଲ ପିଛା ୧୫ରୁ ୧୭ ଟଙ୍କା ଦେବାକୁ ପଡୁଛି। ଏଥିସହ ସରକାରୀ ନିୟମ ଅନୁଯାୟୀ ଚାଷୀଙ୍କୁ ଅଖା ବାବଦ ଅର୍ଥ ଫେରସ୍ତ ଦିଆଯାଉନାହିଁ। ସେହିପରି ମିଲର ଚାଷୀଙ୍କ ଘର ପାଖରୁ ଧାନ ଓଜନ କରି ଆଣିବା ନିୟମ ରହିଥିଲେ ହେଁ ମିଲର ତାହା କରୁନାହାନ୍ତି। ଚାଷୀ ଏଥିପାଇଁ ଗାଡ଼ି ଭଡା କରି ମଣ୍ଡି ନିକଟକୁ ଧାନ ଆଣୁଥିବା ଦେଖିବା ପାଇଁ ମିଳିଛି। ଏପରିକି ମଣ୍ଡିକୁ ଧାନ ଆଣି ସାରିବା ପରେ ଚାଷୀ ଧାନକୁ ୨ରୁ ୩ ଦିନ ପର୍ଯ୍ୟନ୍ତ ଜଗି ରହିବା ପାଇଁ ପଡୁଛି। ଏଥିସହ ସରକାର ଧାନ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ଚାଷୀଙ୍କୁ ପ୍ରଦାନ କରୁଥିବାବେଳେ ଜଣେ ଚାଷୀ ମଣ୍ଡିରେ ଧାନ ଦେଇସାରିବା ପରେ ଚାଷୀ ଜଣଙ୍କର ଧାନ କ୍ୱିଣ୍ଟାଲ ପିଛା ପ୍ରାୟ ୧୭୦ରୁ ୧୮୦ ଟଙ୍କା ଖର୍ଚ୍ଚ ହେଉଛି। ବାସ୍ତବ କ୍ଷେତ୍ରରେ ଚାଷୀ ମଣ୍ଡିରେ ଧାନ ଦେଲେ କ୍ୱିଣ୍ଟାଲ ପିଛା ୨ ହଜାରେ ଟଙ୍କା ପାଉଛି। ଏପରିକି ବାହାରେ ମିଲର ଅଧିକ ଦାମରେ ଧାନ କିଣୁଥିବାବେଳେ ଚାଷୀଙ୍କୁ ମଣ୍ଡିରେ ଧାନ ଦେଇ କ୍ଷତି ସହିବା ପାଇଁ ପଡୁଛି। ଦଶରଥପୁର ବ୍ଲକର ନିଜାମପୁର, କମାରଡ଼ିହି, ପାଲଟପୁର ଆଦି ସମବାୟ ସମିତିରେ ଏବେ ରବି ଧାନ ପାଇଁ ମଣ୍ଡି ଖୋଲବାକୁ ଥିବାବେଳେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଏବେ କଟନି ଛଟନୀକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ସାହିତ୍ୟିକ ରବି ଶତପଥୀଙ୍କୁ ବିଶିଷ୍ଟ ହିନ୍ଦୀ ସେବା ସମ୍ମାନ



**ଯାଜପୁର, ୨୪।୫(ସମିସ):** ଯାଜପୁରର ଅବସରପ୍ରାପ୍ତ ଶିକ୍ଷକ ନେତା ତଥା ପରିଚିତ ସାହିତ୍ୟିକ, ଅନୁବାଦକ, ଐତିହାସିକ ରବି ଶତପଥୀଙ୍କୁ ଓଡ଼ିଶାର ଲବ୍ଧ ସାହିତ୍ୟ ଅନୁଷ୍ଠାନ ପ୍ରଫେସର ଡ. ରାଧାକାନ୍ତ ମିଶ୍ର ସ୍ମୃତି ସଂସଦ ଦ୍ୱାରା ଭୁବନେଶ୍ୱରରେ ବିଶିଷ୍ଟ ହିନ୍ଦୀ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଶତପଥୀ ଶିକ୍ଷକ ଜୀବନରେ ଅନେକ ଶିକ୍ଷକ ସଂଗଠନଙ୍କ ନେତୃତ୍ୱରେ ରହି ଜଣେ ସାଲସ୍‌ବିହୀନ ନେତା ରୂପେ ଶିକ୍ଷକ ସମାଜର ଶ୍ରଦ୍ଧାଭାଜନ ହେବା ସହ ସାହିତ୍ୟ କ୍ଷେତ୍ରରେ ଓଡ଼ିଆ ଓ ହିନ୍ଦୀ ଭାଷାରେ ଅନେକ ପୁସ୍ତକ ରଚନା କରି ରାଜ୍ୟ ତଥା ଅନ୍ୟାନ୍ୟ ପ୍ରଦେଶର ବିଭିନ୍ନ ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନଙ୍କ ଦ୍ୱାରା ସମ୍ମାନପ୍ରାପ୍ତ ହୋଇଛନ୍ତି। ସାହିତ୍ୟିକା ପତ୍ନୀ ନିର୍ମଳା ମିଶ୍ରଙ୍କ ଦ୍ୱାରା ହିନ୍ଦୀ ଭାଷାରେ ଲିଖିତ 'ଓଡ଼ିଶା କା ଇତିହାସ' ପୁସ୍ତକ ରାଜ୍ୟ ପାଇଁ ଏକ ଅନବଦ୍ୟ କୃତି ରୂପେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ଓଡ଼ିଶାର ବିଶିଷ୍ଟ ହିନ୍ଦୀ ସାହିତ୍ୟିକ, ଅନୁବାଦକ ପ୍ରଫେସର ଡ. ରାଧାକାନ୍ତ ମିଶ୍ରଙ୍କ ସମ୍ମାନ ଉଦ୍ଦେଶ୍ୟରେ ଗଠିତ ପ୍ରଫେସର ଡ. ରାଧାକାନ୍ତ ମିଶ୍ର ସ୍ମୃତି ସଂସଦ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହେବାରେ ଶ୍ରୀ ଶତପଥୀ ରାଜ୍ୟର ଅନ୍ୟତମ ପରିଚିତ ବ୍ୟକ୍ତି।

## ଅଧ୍ୟାପିକା ସ୍ୱାଗତିକା ରାଉତଙ୍କ ପରଲୋକ

**କବାଟବନ୍ଧ, ୨୪।୫ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁରସ୍ଥ ମୁକୁନ୍ଦପାତ୍ର ଡିଗ୍ରୀ କଲେଜର ଅଧ୍ୟାପିକା ସ୍ୱାଗତିକା ରାଉତ (୪୬)ଙ୍କ ପରଲୋକ ଘଟିଛି। ସେ



ମୁକୁନ୍ଦପାତ୍ର କଲେଜରେ ୨୦୦୭ରୁ ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ଭାବେ ଶିକ୍ଷାଦାନ କରିଆସୁଥିଲେ। ୨୦୧୩ ଫେବୃଆରୀ ୧୩ ତାରିଖରେ କଲେଜରୁ ନିଜ ଗାଁକୁ ଫେରୁଥିବା ସମୟରେ ବଳରାମପୁର ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସେହିଦିନଠାରୁ ଦୁର୍ଘଟଣାରେ ଆହତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ଗୁରୁବାର ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ଅଧ୍ୟାପିକା ଜଣେ ସରଳ, ମେଳାପୀ, ପରୋପକାରୀ, ଛାତ୍ରବତ୍ସଳ ଓ ଧର୍ମପରାୟଣ ମହିଳା ଥିଲେ। ବଡ଼ଚଣା ବ୍ଲକ ଅନ୍ତର୍ଗତ ଭୁସଣ୍ଡପୁରରେ ତାଙ୍କ ଘର। ତାଙ୍କ ମୃତ୍ୟୁରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜାତୀୟ ରାଜପଥରୁ ସୋତି ରାସ୍ତା

## ନିମ୍ନମାନର କାମ; ରାସ୍ତାରୁ ଉଠିଲା ପିଚୁ

**ପାଣିକୋଇଲି, ୨୪।୫(ସମିସ)**



ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଜାତୀୟ ରାଜପଥ ୧୬ରୁ ହାଟସାହି ଭାୟା ସୋତି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏପରିକି ଅବଧିର ଶେଷ ତାରିଖ ଅତିକ୍ରମ କରିଯାଇଥିଲେ ମଧ ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତେବେ ନିର୍ମାଣ କାମ ସରି ନ ଥିବାବେଳେ ଦୁଇ ଦିନ ତଳେ ରାସ୍ତାରେ ଢଳାଯାଇଥିବା ପିଚୁ ଉଠିଯାଉଛି। ଯାହାକୁ ନେଇ ଗ୍ରାମବାସୀ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଯୋଗ ଆଣିଛନ୍ତି।

ସୂଚନା ମୁତାବକ, ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏକ ପିଚୁ ରାସ୍ତା ଜାତୀୟ ରାଜପଥ ୧୬ଠାରୁ ବାହାରି ଅଳତିରି, ଚାନ୍ଦପୁର, ଦାମୋଦରପୁର, ବାଟୁଳ, ସୋତି ମଧ ଦେଇ ହାଟସାହି ନିକଟରେ ଟିକର-ଶଙ୍ଖଚିଲା ରାସ୍ତା ସହିତ ମିଶିଛି। ବିଭାଗ ଦ୍ୱାରା ପ୍ରଦତ୍ତ ସୂଚନାନୁସାରେ ଉକ୍ତ ରାସ୍ତାର ଦୈର୍ଘ୍ୟ ୬ କିମି ୨୭୦ ମିଟର ହୋଇଥିବାବେଳେ ୧୯ଟି ଘୋଷରା ପୋଲ ସହିତ ବ୍ୟୟ ଅଟକଳ ୪ କୋଟି ୭୦ ଲକ୍ଷ ୭୭ ହଜାର ଟଙ୍କାର ରହିଛି। ରକ୍ଷଣାବେକ୍ଷଣ ଲାଗି ୪୦ ଲକ୍ଷ ୬୮ ହଜାର ଟଙ୍କା ବରାଦ କରାଯାଇଛି। ଉକ୍ତ ରାସ୍ତା କାମ ୨୦୨୨ ସେପ୍ଟେମ୍ବର ୧୨ରୁ ଆରମ୍ଭ ହୋଇ ୨୦୨୩ ଜୁନ ୧୧ ତାରିଖରେ ଶେଷ ହେବାକୁ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଥିଲା। ତେବେ ନିର୍ମାଣ ଅବଧି ଶେଷ ହୋଇଯାଇଥିଲେ ମଧ କାର୍ଯ୍ୟ ସାରି ନ ଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିବାବେଳେ ଉକ୍ତ ଠିକାଦାରଙ୍କ ଦ୍ୱାରା ପୁଣି ଏକ ସଂଘାତିକ ଠକାମୀ ନେଇ ଗ୍ରାମବାସୀ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

ସକାଳ
THE SAKALA
ଶନିବାର
୨୫ ମେ, ୨୦୨୪



## କୋରେଇରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

# 'ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବିରୋଧୀ'













### ■ ବିରୋଧୀ ନେତାଙ୍କୁ ଇଞ୍ଜେକ୍ସନ ଦେବାକୁ ମୁଖ୍ୟମନ୍ତ୍ରୀ କୋରେଇ ଆସିଛନ୍ତି: ପାଣ୍ଡିଆନ
### ■ ରାଜ୍ୟରେ ଗୋଟିଏ ଗ୍ୟାରେଣ୍ଟି 'ନବୀନ ଗ୍ୟାରେଣ୍ଟି': ପ୍ରଣବ ପ୍ରକାଶ

**ବ୍ୟାସନଗର/କୋରେଇ/ରଗଡ଼ି,୨୪।୫(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ଜିଲ୍ଲା କୋରେଇ ବ୍ଲକରେ ନିର୍ବାଚନ ସଭାକୁ ସମ୍ବୋଧିତ କରିଛନ୍ତି। ଏ ନେଇ କୋରେଇ ବ୍ଲକ ତଳଗଡ ପଞ୍ଚାୟତ ବ୍ରାହ୍ମଣୀଦେବୀ ଖେଳ ପଡିଆରେ ଅନୁଷ୍ଠିତ ସଭାରେ ୭୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏହି ସଭା ପାଇଁ ଭିଡ଼ ଏତେ ମାତ୍ରାରେ ହୋଇଥିଲା ଯେ ଜାତୀୟ ରାଜପଥ ୨୦ରେ ଗାଡିଗୁଡ଼ିକ ଦୀର୍ଘ ସମୟ ଯାଏଁ ଧାଡି ହୋଇ ଛିଡ଼ା ହୋଇଥିଲେ। ସଭା ନିମନ୍ତେ ଅପରାହ୍ନ ୪.୪୫ ସମୟ ନିର୍ଘଣ୍ଟ ହୋଇଥିଲେ ମଧ୍ୟ ପ୍ରାୟ ୨୦ ମିନିଟ ବିଳମ୍ବରେ ମୁଖ୍ୟମନ୍ତ୍ରୀ ହେଲିକ୍ୟାପ୍ଟର ଯୋଗେ ସଭା ନିମନ୍ତେ ପ୍ରସ୍ତୁତ ହେଲିପ୍ୟାଡରେ ଅବତରଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଝଲକ ପାଇବା ପାଇଁ ଦିନ ୨ ଘଟିକାରୁ ହଜାର ହଜାର ନବୀନ ଓ ବିଜୁ ଜନତା ଦଳପ୍ରେମୀ ଅପେକ୍ଷାରତ ରହିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ହେଲିପ୍ୟାଡରେ ଅବତରଣ ପରେ ହେଲିପ୍ୟାଡ ସ୍ଥଳରେ ଶଙ୍ଖନାଦ ହୋଇଥିଲା। ପ୍ରାୟ ୨୦ରୁ ୩୦ ଜଣ ଶଙ୍ଖ ବାଦକ, ସିଂଘ ବାଜା ଦଳ ଓ ଶତାଧିକ ମହିଳା ହୁଳହୁଳି ପକାଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀ ଓ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ଉପରେ ପୁଷ୍ପ ବୃଷ୍ଟି କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ କାର୍ ଯୋଗେ ସଭାସ୍ଥଳରେ ପହଞ୍ଚିବା ପରେ ସଭାସ୍ଥଳରେ ଉପସ୍ଥିତ ହଜାର ହଜାର ବିଜୁ ଜନତା ଦଳର ବିଭିନ୍ନ ଛାମୁଆ ସଂଗଠନର କର୍ମୀ, ମିଶନ ଶକ୍ତିର ମାଆମାନେ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ବିଜୁ ଜନତା ଦଳ କୋରେଇ ପକ୍ଷରୁ ଏକ ବିରାଟ ଶଙ୍ଖ ଆକୃତିର ପୁଷ୍ପଗୁଚ୍ଛ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହିତ ମା' ବିରଜା ମାଟିରେ ତାଙ୍କୁ ସ୍ୱାଗତ କରିଥିଲେ।

ସଭା ମଞ୍ଚରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟତୀତ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ଜନତା ଦଳର ଯାଜପୁର ଲୋକସଭା ସାଂସଦ ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ, କୋରେଇ ବିଧାନସଭା ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସ, ଯାଜପୁର ବିଧାନସଭା ପ୍ରାର୍ଥିନୀ ସୁଜାତା ସାହୁ, ବିଂଝାରପୁର ବିଧାନସଭା ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ, ବଡଚଣା ବିଧାନସଭା ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶନୀ, ଧର୍ମଶାଳା ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ, ବରୀ ବିଧାୟକ ପ୍ରାର୍ଥୀ ବିଶ୍ୱରଂଜନ ମଲ୍ଲିକ, ସୁକିନ୍ଦା ପ୍ରାର୍ଥୀ ଇଂ. ପ୍ରୀତିରଂଜନ ଘଡାଇ, କୋରେଇର ପୂର୍ବତନ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ। କୋରେଇର ପୂର୍ବତନ ବିଧାୟକ ଅଶୋକ କୁମାର ବଳଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ବକ୍ତବ୍ୟରେ ପ୍ରଥମେ ଉପସ୍ଥିତ ଭାଇଭଉଣୀ ସମସ୍ତଙ୍କୁ ନମସ୍କାର କରିବା ସହିତ ଏତେଦୂରରୁ ମୋତେ ଦେଖିବାକୁ ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହାପରେ ନିଜ ବକ୍ତବ୍ୟରେ ଉପସ୍ଥିତ ହଜାର ହଜାର ଜନସାଧାରଣଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଲ କି? ୫-ଟି, ମିଶନ ଶକ୍ତି, ଲକ୍ଷ୍ମୀ ବସ ଯୋଜନା, କାଳିଆ ଯୋଜନା, ମମତା ଯୋଜନା, ମଧୁବାବୁ ପେନସନ ଯୋଜନା, ହରିଶ୍ଚନ୍ଦ୍ର ଆଦି ଯୋଜନା ଭଲ କି ବୋଲି ଜନସାଧାରଣଙ୍କ ମତାମତ ଚାହିଁଥିଲେ। ଲୋକେ ଏହାକୁ ଉଚ୍ଚ ସ୍ୱରରେ ଭଲ ବୋଲି କହିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଲ କି, ଶଙ୍ଖ ଚିହ୍ନ ଭଲ କି, ବିଜୁ ଜନତା ଦଳ ଭଲ କି ବୋଲି ପ୍ରଶ୍ନ କରିବା ପରେ ଉପସ୍ଥିତ ଜନତା ନବୀନବାବୁଙ୍କ ଭଳି ନେତା ନାହାଁନ୍ତି। ବିଜୁ ଜନତା ଦଳ ଭଳି ଦଳ ନାହିଁ, ଶଙ୍ଖ ପରି ଚିହ୍ନ ନାହିଁ ବୋଲି କହିବା ସହିତ ୬ଷ୍ଠ ଥର ଆପଣଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଆସୀନ କରାଇବାକୁ ଆମେ ସଙ୍କଳ୍ପ ନେଇଛୁ ବୋଲି କହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଆସନ୍ତା ଜୁଲାଇ ମାସରୁ ଆପଣଙ୍କ ବିଜୁଳି ବିଲ୍ ଆସିବ ନାହିଁ। ଆପଣମାନଙ୍କ ବିଜୁଳି ବିଲ ରାଜ୍ୟ ସରକାର ଦେବେ କହିବା ସହିତ ନିଜ ଚିରାଚରିତ ନିଆରା ଶୈଳୀରେ ଆପଣମାନେ ଖୁସି ତ ବୋଲି ପ୍ରଶ୍ନ କରିବା ପରେ ଜନତା ଆମେ ବହୁତ ଖୁସି ବୋଲି କହିଥିଲେ। ରାଜ୍ୟର ବିରୋଧୀ ଦଳ ବିକାଶ କରି ନ ପାରି ଔଷଧ ବିକଳରେ ତାଟିଆ କାମୁଡ଼ିବା ସହିତ ମିଛ ପ୍ରଚାର କରି ଆପଣଙ୍କୁ ଭ୍ରମିତ କରିଛନ୍ତି। ବିରୋଧୀ ଦଳ ନେତା କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ରାଜ୍ୟର ବିକାଶ ଧାରାକୁ ଆଗକୁ ନେବାକୁ ମୁଖ୍ୟମନ୍ତ୍ରୀ ଯାଜପୁର ଜିଲ୍ଲାର ବିଜୁ ଜନତା ଦଳର ଗୋଟିଏ ଲୋକସଭା ଓ ୭ ବିଧାନସଭା ପ୍ରାର୍ଥୀଙ୍କୁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ।

ଏହାପରେ ବିଜେଡିର ଷ୍ଟାର ପ୍ରଚାରକ ଶ୍ରୀ ପାଣ୍ଡିଆନ୍ ନିଜ ଅଭିଭାଷଣ ରଖିବା ସହିତ ବିରୋଧୀଙ୍କ ହୀନ ରାଜନୈତିକ ଚାଲକୁ କଟାକ୍ଷ କରିଥିଲେ। ବିରୋଧୀ ନେତାଙ୍କୁ ଇଞ୍ଜେକ୍ସନ ଦେବାକୁ ମୁଖ୍ୟମନ୍ତ୍ରୀ କୋରେଇ ଆସିଛନ୍ତି। ୫ ବର୍ଷ ହେବ ରାଜ୍ୟରେ ଦେଖାଦେଇ ନ ଥିବା କିଛି ବିରୋଧୀ ଏବେ ଶାସନ କରିବାକୁ ଆଗେଇ ଆସିଛନ୍ତି। ଏପରିକି ନିଜ ରାଜ୍ୟର ବିକାଶ ପାଦେ ଆଗେଇ ପାରି ନ ଥିବା କିଛି ରାଜ୍ୟର ମୁଖିଆ ନିର୍ବାଚନ ସମୟରେ ଓଡ଼ିଶାରେ ପହଞ୍ଚି ଓଡ଼ିଶାକୁ ୧ନଂ ରାଜ୍ୟ କରିବେ ବୋଲି ଫମ୍ପା ଭାଷଣ ମାରୁଛନ୍ତି। ଆଗେ ତ ନିଜ ରାଜ୍ୟ କଥା ବୁଝ, ତା'ପରେ ଓଡ଼ିଶାର ବିକାଶ କଥା ଚିନ୍ତା କରିବ ବୋଲି ପାଣ୍ଡିଆନ ପରାମର୍ଶ ଦେଇଥିଲେ। ଜୟ ଜଗନ୍ନାଥ ଜୟ ମା ବିରଜା କହି ନିଜ ଅଭିଭାଷଣ ଆରମ୍ଭ କରିଥିବା ପାଣ୍ଡିଆନ ଯାଜପୁର ଜିଲ୍ଲାରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ, ଯଯାତି କେଶରୀ ମେଡିକାଲ କଲେଜ, ମା' ବିରଜା ମନ୍ଦିର ରୂପାନ୍ତିକରଣ ପାଇଁ ୧୫କୋଟି ଟଙ୍କା, ଜିଲ୍ଲାର ବିଭିନ୍ନ ମନ୍ଦିର, ମସଜିଦ, ଚର୍ଚ୍ଚ ରୂପାନ୍ତିକରଣ, ଲକ୍ଷ୍ମୀ ଯୋଜନା, ବିଏକେୱାଇ କାର୍ଡ, ମମତା ଯୋଜନା, ମଧୁବାବୁ ପେନସନ, ହରିଶ୍ଚନ୍ଦ୍ର ଯୋଜନା ମୁଖ୍ୟମନ୍ତ୍ରୀଙ୍କ ଆପଣମାନଙ୍କ ପ୍ରତି ଭଲ ପାଇବାର ନିଦର୍ଶନ ବୋଲି କହିଥିଲେ। ପରେ ନବୀନ ବାବୁଙ୍କ ଚିହ୍ନ କ'ଣ ପଚାରିବା ସହିତ ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନଙ୍କୁ ଆଶୀର୍ବାଦ କରିବେ କି ବୋଲି ପଚାରିଥିଲେ। ଆପଣମାନଙ୍କ ଆଶୀର୍ବାଦ, ମା' ବିରଜାଙ୍କ ଆଶୀର୍ବାଦ ଓ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଆସନ୍ତା ଜୁନ ୯ ତାରିଖରେ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ବିଜୁଳି ଛାଡ ବିଲରେ ଦସ୍ତଖତ କରିବେ। ଏହାପରେ ସମୁଦ୍ର କେଉଁଠି ଅଛି ସମସ୍ତେ ଜାଣନ୍ତି। କିନ୍ତୁ ଆଜି କୋରେଇରେ ଅଗଣିତ ଜନସମାଗମକୁ ଦେଖି କୋରେଇରେ ନୂଆ ସମୁଦ୍ର ହୋଇଛି ବୋଲି ପାଣ୍ଡିଆନ କହିଥିଲେ। ଅନ୍ୟପକ୍ଷରେ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ କହିଥିଲେ, ରାଜ୍ୟରେ ଗୋଟିଏ ଗ୍ୟାରେଣ୍ଟି ନବୀନ ଗ୍ୟାରେଣ୍ଟି। ନବୀନ ଗ୍ୟାରେଣ୍ଟି ରାଜ୍ୟରେ ଗୋଟିଏ ଗ୍ୟାରେଣ୍ଟି ଭାବେ କାମ କରୁଛି। ତାହା ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗ୍ୟାରେଣ୍ଟି।

## କୋରେଇରେ ନୂଆ ସମୁଦ୍ର

ଆଜି ପ୍ରବଳ ଜନସମାବେଶକୁ ଦେଖି ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ ଅଧିକ ମାତ୍ରାରେ ଉତ୍ସାହିତ ହୋଇପଡିଥିଲେ। ପାଣ୍ଡିଆନ ନିଜ ଭାଷଣରେ କୋରେଇରେ ନୂଆ ସମୁଦ୍ର ହେଲା ବୋଲି ଘୋଷଣା କରିଥିଲେ। ତାହା ହେଉଛି ଜନ ସମୁଦ୍ର। ଯାହାକୁ ଦେଖିଲେ ବିରୋଧୀଙ୍କ ମୁଣ୍ଡ କାମ ଦେବ ନାହିଁ ବୋଲି ସେ କହିଥିଲେ। ରାଜ୍ୟ ବାହାରର ମୁଖ୍ୟମନ୍ତ୍ରୀ ଆସି ଆମ ରାଜ୍ୟ ଓଡ଼ିଶାକୁ ୧ ନମ୍ବର ହେବ ବୋଲି କହିବା କେତେ ଦୂର ବିଶ୍ୱାସ ଯୋଗ୍ୟ ବୋଲି ପ୍ରଶ୍ନ କରିଥିଲେ। ଯଦି ରାଜ୍ୟ ବାହାରର ମୁଖ୍ୟମନ୍ତ୍ରୀ ଆସି ଓଡ଼ିଶାକୁ ୧ ନମ୍ବର କରିବେ, ତେବେ ନିଜ ରାଜ୍ୟ କେତେ ନମ୍ବର ହେବ ବୋଲି ପାଣ୍ଡିଆନ ପ୍ରଶ୍ନ କରିଥିଲେ।

## ବିଜେଡିର ସେନାପତି ପ୍ରଣବ

ବିଜୁ ଜନତା ଦଳର ରାଜ୍ୟ ସେନାପତି ହେଉଛନ୍ତି ପ୍ରଣବ ପ୍ରକାଶ ଦାସ। ଆଜି ସଭା ମଞ୍ଚରେ ପାଣ୍ଡିଆନ ଏଭଳି ଘୋଷଣା କରିଛନ୍ତି। ପ୍ରଣବ ସବୁବେଳେ ବିଜୁ ଜନତା ଦଳ ପାଇଁ କାମ କରୁଛନ୍ତି ଓ ନିଜ ଜିଲ୍ଲା ଛାଡି ଅନ୍ୟ ଜିଲ୍ଲାରେ ଲଢୁଛନ୍ତି। ତେଣୁ ତାଙ୍କ ମାନ ରକ୍ଷା କରିବା ପାଇଁ କୋରେଇ ତଥା ଜିଲ୍ଲାବାସୀ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ପାଣ୍ଡିଆନ ଅନୁରୋଧ କରିଥିଲେ।

## ଅଶୋକଙ୍କୁ ଗୁରୁତ୍ୱ ଦେଲେ ବବି

କୋରେଇର ପୂର୍ବତନ ବିଧାୟକ ଅଶୋକ ବଳଙ୍କୁ ଗୁରୁତ୍ୱ ଦେଇଛନ୍ତି ପ୍ରଣବ ପ୍ରକାଶ ଦାସ। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭାସ୍ଥଳରେ ପହଞ୍ଚିବା ପରେ ପ୍ରଥମେ ଅଶୋକ ବଳଙ୍କୁ ସ୍ୱାଗତ ଭାଷଣ ଦେବାକୁ ସୁଯୋଗ ଦିଆଯାଇଥିଲା। ଅଶୋକଙ୍କ ଟିକେଟ କଟିବା ପରେ ମନ ଊଣା ଥିବା ନେଇ ଯେଉଁ ଅପପ୍ରଚାର ହେଉଥିଲା ସେଥିରେ ଆଜିଠାରୁ ବିରାମ ଲାଗିବ ବୋଲି ଚର୍ଚ୍ଚା ହେଉଛି।

## କରିଡରେ ବୁଲି ହାତ ମିଳାଇଲେ ଓ ଆଲିଙ୍ଗନ କଲେ ବବି

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାକୁ ଆସିଥିବା ହଜାର ହଜାର ଲୋକଙ୍କ ସୁପର ହିରୋ ଥିଲେ ନବୀନ ଓ ହିରୋ ଥିଲେ ବବି। ମୁଖ୍ୟମନ୍ତ୍ରୀ ସଭାକୁ ଆସିବାର ଯଥେଷ୍ଟ ପୂର୍ବରୁ ବବି ସଭାସ୍ଥଳରେ ପହଞ୍ଚି କରିଡରେ ବୁଲି ସମସ୍ତଙ୍କ ସହିତ ହାତ ମିଳାଇବା ସହିତ ଯୁବବର୍ଗଙ୍କୁ ଆଲିଙ୍ଗନ କରୁଥିବା ଦେଖିବାକୁ ମିଳିଥିଲା।ଏହା ସ୍ପଷ୍ଟ ଭାବେ ତାଙ୍କର କୋରେଇବାସୀଙ୍କ ପ୍ରତି ଭଲ ପାଇବାର ନିଦର୍ଶନ ଥିଲା। ଏପରିକି ଆଗନ୍ତୁକଙ୍କ ନିମନ୍ତେ ଠିକ୍ ଭାବେ ସମସ୍ତ ବ୍ୟବସ୍ଥା ହୋଇଛି କି ନାହିଁ ତାହାର ମଧ୍ୟ ତଦାରଖ କରିଥିଲେ। ଯାହା କୋରେଇବାସୀଙ୍କ ବବି ବାବୁଙ୍କ ପ୍ରତି ଆହୁରି ଭଲ ପାଇବା ବଢିବା ସହିତ ଆଗାମୀ ନିର୍ବାଚନରେ ତାଙ୍କ ମାଆଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାରେ ସହାୟକ ହେବ।

















## ବେଲମଣ ମଠରେ ରାମଚରିତ ମାନସ



**ତିର୍ତ୍ତୋଲ, ୨୪।୫(ସମିସ):** ତିର୍ତ୍ତୋଲସ୍ଥିତ ବେଲମଣ ମଠ ଶ୍ରୀରାମମନ୍ଦିର ପ୍ରାଙ୍ଗଣରେ ନବଦିନ ବ୍ୟାପୀ ଅନୁଷ୍ଠିତ ତ୍ରୟୋଦଶତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍ୟାପିତ ହୋଇଯାଇଛି। ମଠର ମଠାଧିଶ ଶ୍ୟାମସୁନ୍ଦର ବାବାଜୀ ମହାରାଜଙ୍କ ପୌରୋହିତ୍ୟ ଓ ବ୍ୟାସ ରାମାୟଣୀ ପଣ୍ଡିତ ଅଭୟ ଦାଶ(ବୁଲୁ ନନା)ଙ୍କ ସଂଯୋଜନାରେ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଚଚକ ତଥା ଆଦିକବି ସାରଳାଦାସ ମହାବିଦ୍ୟାଳୟର ଅଧ୍ୟାପକ ଅରୁଣ କୁମାର ପଣ୍ଡା, ଯାଜପୁର ବରାହ କ୍ଷେତ୍ରର ବିଶ୍ୱଜିତ ପଟ୍ଟନାୟକ ଓ ସୁକିନ୍ଦାରୁ ପଣ୍ଡିତ ପବିତ୍ର ଦାଶ ଶ୍ରୀରାମ କଥା ଉପରେ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ଉଦ୍ୟାପନୀ ଉତ୍ସବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦ ମହାପାତ୍ର, କୁମାରୋତ୍ସବ ସମିତିର ସଭାପତି ବିମଳ ମହାପାତ୍ର, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଆଇନଜୀବୀ ରାଜକିଶୋର ବେହେରା ଓ ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ତିର୍ତ୍ତୋଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଜ୍ଞାନଜ କୁମାର ସାମନ୍ତରାୟ, ଅଧ୍ୟାପକ ଅଜିତ କୁମାର ସ୍ୱାଇଁ, ତପନ ମହାନ୍ତି, କେ. ପୁନାଲୁ ରେଡ୍ଡି, ଜ୍ୟୋତିରଞ୍ଜନ ସାହୁ, ପ୍ରବୀର ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତିର୍ତ୍ତୋଲ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ।

## ସାଗବାରିଆ ବୁଦ୍ଧ ବିହାରରେ ବୁଦ୍ଧ ଜୟନ୍ତୀ




**ତିର୍ତ୍ତୋଲ, ୨୪।୫(ସମିସ):** ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ସାଗବରିଆ ବୁଦ୍ଧ ବିହାରଠାରେ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ବୁଦ୍ଧ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେସନ ଜଗତସିଂହପୁର ସଭାପତି ବାବାଜୀ ଚରଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ପ୍ରଫେସର ଜଗନ ମୋହନ ସାହୁ ଯୋଗଦେଇ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋକପାତ କରି ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗ ଦ୍ୱାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଆଇନଜୀବୀ ମଞ୍ଜୁଲତା ରାଉତ, ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ସେଠୀ, ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସ, ଫୁଲେ ଆମ୍ବେଦକର ସାମାଜିକ ବିକାଶ ପରିଷଦର ସଭାପତି ମାଧବାନନ୍ଦ ଗୋଛାୟତ, ସମାଜସେବୀ ହରେକୃଷ୍ଣ ସେଣ ଓ ଚିନ୍ମୟ ନାଥ ପ୍ରମୁଖ ଯୋଗଦେଇ ବୁଦ୍ଧ ସତ୍ୟ, ଶୀଳ, ପ୍ରଜ୍ଞା, କରୁଣାର ଅବତାର ଓ ମହାକାରୁଣିକ। ବୁଦ୍ଧଙ୍କ ମାର୍ଗରେ ପରିଚାଳିତ ହେଲେ ବିଶ୍ୱରେ ମାନବାବାଦର ପ୍ରତିଷ୍ଠା ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବୁଦ୍ଧଙ୍କ ତ୍ରିସରଣ ପାଠ କରାଯାଇଥିଲା।

## ବିଶିଷ୍ଟ ସାହିତ୍ୟିକ ଡା. ଚାଇନା ପ୍ରଧାନଙ୍କ ପରଲୋକ

**ଜଗତସିଂହପୁର, ୨୪।୫(ସମିସ):** ବିଶିଷ୍ଟ ସାହିତ୍ୟିକ, କବି ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଡା. ଚାଇନା ପ୍ରଧାନଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଜଗତସିଂହପୁର ଜିଲ୍ଲା ତଥା ନାଉଗାଁ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟିକ ଶୋକ ବ୍ୟକ୍ତ କରିଛନ୍ତି। ଡ. ପ୍ରଧାନ ଏକାଧାରରେ ଜଣେ ଆଦର୍ଶ ଅଧ୍ୟାପକ, କବି ଓ ସାହିତ୍ୟିକ ଭାବେ ବେଶ୍ ପରିଚିତ ଥିଲେ। ନାଉଗାଁ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭକରି ହଜାର ହଜାର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିଥିଲେ। ପରେ ଏଠାରେ ମଧ୍ୟ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇ ଅବସର ଗ୍ରହଣ କରିଥିଲେ। ସେ ଜଣେ ଅମାୟିକ ଓ ଛାତ୍ର ବତ୍ସଳ ଅଧ୍ୟାପକ ତଥା ନାଟ୍ୟକାର ଥିଲେ। ଶିକ୍ଷା କ୍ଷେତ୍ରରେ ଅନେକ ବହି ଲେଖିବା ସହିତ ଜଣେ ସୁବକ୍ତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବିୟୋଗରେ ବାବାଜୀ ସତ୍ୟାନନ୍ଦ ଦାସ, ମହନ୍ତ ଚିନ୍ତାମଣୀ ପର୍ବତ, ନାଉଗାଁ ସାଂସ୍କୃତିକ ପରିଷଦ ସମ୍ପାଦକ ସରୋଜ କୁମାର ନାୟକ, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ଲେଙ୍କା, ପୂର୍ବତନ ଅଧ୍ୟାପକ ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ, ରାଷ୍ଟ୍ରବାଦୀ ଶିକ୍ଷକ ସଂଘ



ସଭାପତି ନିଳଉରାମ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, କବି ପ୍ରସନ୍ନ କୁମାର ସ୍ୱାଇଁ, ସୁକାନ୍ତ ଲେଙ୍କା, ଅଧ୍ୟାପକ ଡାକ୍ତର ବିନୋଦ କୁମାର ବେହୁରା, ଭ୍ରମରବର ବେହୁରା, ଶିକ୍ଷକ ତ୍ରିଲୋଚନ ପାଢ଼ୀ, ହିମାଂଶୁ ମହାନ୍ତି, ମନୋଜ କୁମାର ନାୟକ, ଅଜୟ ମହାନ୍ତିଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

### ନିର୍ବାଚନ କାର୍ଯ୍ୟ ପାଇଁ ଗାଡି ଦାଖଲ କଲେନି

# ଦୁଇ ଗାଡ଼ି ମାଲିକଙ୍କ ବିରୋଧରେ ଗିରଫ ପରୱାନା

ଜଗତସିଂହପୁର, ୨୪।୫(ସମିସ)

ଜଗତସିଂହପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅନୁପମ ସାହା ନିୟମ ଅବଜ୍ଞାକାରୀ ଗାଡି ମାଲିକ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିର୍ବାଚନ କର୍ଯ୍ୟରେ ଗାଡି ଦାଖଲ କରିନଥିବାରୁ ଗାଡି ମାଲିକଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରାଯାଇଛି।

ସୂଚନା ଥାଉକି, ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ପାଇଁ, ଜନ ପ୍ରତିନିଧି ଅଧିନିୟମ ୧୯୫୧ ଅନ୍ତର୍ଗତ ଧାରା ୧୬୦ ଅନୁସାରେ ଆବଶ୍ୟକତା ଦୃଷ୍ଟିକୋଣରୁ ଜିଲ୍ଲାପାଳ ଶ୍ରୀ ସାହା ଦୁଇଟି ଗାଡିକୁ ତାଙ୍କ ମାଲିକଙ୍କ ଦ୍ୱାରା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଏହି ଗାଡି ଗୁଡ଼ିକୁ ଉତ୍ତମ ଅବସ୍ଥା ଏବଂ ଚାଳକ ସହିତ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଡେପୁଟି କଲେକ୍ଟର, ନିର୍ବାଚନଙ୍କ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗାଡିର ମାଲିକମାନେ ଏହାକୁ ଅବଜ୍ଞା କରି ଗାଡ଼ି ଦୁଇଟିକୁ ଧାର୍ଯ୍ୟ ସମୟ ଏବଂ ସ୍ଥାନରେ ଦାଖଲ କରିନଥିଲେ। ଯାହାଫଳରେ, ଜିଲ୍ଲାପାଳ, ଜନ ପ୍ରତିନିଧି ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୭, ୧୬୦(୧)ଓ ଆଇପିସି ୧୮୮ ପ୍ରୟୋଗ କରି ସେହି ଦୁଇ ଗାଡି ମାଲିକ ଗୌରହରି ନାୟକ ଓ ନୈବିଦ୍ୟ ନାୟକଙ୍କ ବିରୋଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗାଡି ଦୁଇଟି ଜବତ କରିବାକୁ ସ୍ଥାନୀୟ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪୮ ଘଣ୍ଟା ସମୟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଜିଲ୍ଲାପାଳଙ୍କ ପାଖରେ ଦାଖଲ କରିବାକୁ ନିର୍ଦ୍ଦେଶ କରାଯାଇଛି। ନିର୍ଦ୍ଦେଶକୁ ସିଆରପିସି ୧୫୪ ଧାରା ଅନୁଯାୟୀ ଏଫଆଇ ଆର୍ ଭାବେ ବିହୀତ କରାଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ, ନିର୍ବାଚନ ସମୟରେ ଜନ ପ୍ରତିନିଧି ଅଧିନିୟମ ୧୯୫୧ ଏବଂ ଆଚରଣ ସଂହିତାର ଉଲ୍ଲଙ୍ଘନ ହେଲେ, ନିୟମ ଆଧାରରେ ଆଗକୁ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନିଶାଡ଼ିଙ୍କ ଆକ୍ରମଣରେ ଯୁବକ ଗୁରୁତର

**ରଘୁନାଥପୁର, ୨୪।୫(ସମିସ):** ଏକାଦଶାହ ଭୋଜି ଖାଇ ଫେରୁଥିବା ଜଣେ ଯୁବକଙ୍କୁ ରଘୁନାଥପୁର ବ୍ଲକ ତିର୍ତ୍ତୋଲ ଥାନା ଅନ୍ତର୍ଗତ କେରେକେରା ଛକରେ ଜଣେ ନିଶାଡି ଯୁବକ ଛୁରୀରେ ଆକ୍ରମଣ କରି ଲହୁଲୁହାଣ କରିଛି। ଗୁରୁତର ଅବସ୍ଥାରେ ଯୁବକ ଜଣକ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନ ୫:୩୦ରେ କେରେକେରା ଗ୍ରାମର ଗୋରେଖ ଦାସ (ଗୁଡୁ) ଗାନାଇଲୋ ଗ୍ରାମର ଜିଲ୍ଲା ବିଜେଡ଼ି ଉପସଭାପତି ରଜତ କୁମାର ପାତ୍ରଙ୍କ ପିତାଙ୍କ ଏକାଦଶାହ ଭୋଜିଖାଇ ଫେରୁଥିଲେ। କେରେକେରା ଛକ ଦେଇ ବାଇକରେ ଯାଉଥିବାବେଳେ ସେଠାରେ ଛିଡ଼ା ହୋଇଥିବା ଛପଡ଼ା/ ତାଳଦଣ୍ଡା ଗ୍ରାମର ବୁବୁ ବେହେରା ଛୁରୀରେ ଗୋରେଖ ପେଟ ଓ ଦେହର ଅନ୍ୟସ୍ଥାନରେ ଭୂଷି ଦେଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଗୋରେଖଙ୍କୁ ଉଦ୍ଧାର କରି




ଜଗତ୍‌ସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ନିଶାଡି ଯୁବକ ବାବୁକୁ ସ୍ଥାନୀୟ ଲୋକେ କାବୁ କରି ତିର୍ତ୍ତୋଲ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ବାବୁକୁ ଗିରଫ କରିବା ସହ ରକ୍ତଭିଜା ଛୁରିକୁ ମଧ୍ୟ ଜବତ କରିଛି। ଦୀର୍ଘଦିନ ହେବ ଛପଡ଼ା ପଞ୍ଚାୟତର ପ୍ରସିଦ୍ଧ ବାବା ଗୋରେଖନାଥ ପୀଠରେ ଓ ଛପଡ଼ା ରେଳ ଲାଇନ ନିକଟରେ ଅବାଧରେ ବ୍ରାଉନ୍‌ସୁଗାର ଓ ନିଶା କାରବାର ହେଉଥିବାରୁ ବହୁ ଛାତ୍ର ଓ ଯୁବକ ନିଶା ସେବନ କରି ପଥଭ୍ରଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଏଠାରେ ଚୋରା ନିଶା କାରବାର ବନ୍ଦ କରିବାକୁ ସ୍ଥାନୀୟ ଜନସାଧାରଣ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସ୍ୱଚ୍ଛତା ଅଭିଯାନ ନେଇ ପ୍ରଶିକ୍ଷଣ ଓ ସଂକଳ୍ପ




**କୁଜଙ୍ଗ, ୨୪।୫(ସମିସ):** କୁଜଙ୍ଗ ବ୍ଲକ ବଳରାମପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତୀୟ ତୈଳବିଶୋଧନାଗାର ପାରାଦୀପ ପ୍ରକଳ୍ପ ପକ୍ଷରୁ ବିଦ୍ୟାଳୟ ପାଇଁ ସ୍ୱଚ୍ଛତା ଅଭିଯାନ ନେଇ ଏକ ପ୍ରଶିକ୍ଷଣ ଶିବିର ଓ ସଂକଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିରର ସଭାପତି ସମାଜସେବୀ ରଜନୀକାନ୍ତ ଦାସଙ୍କ ପୌରୋହିତ୍ୟରେ ହୋଇଥିବା ଏହି ପ୍ରଶିକ୍ଷଣ କର୍ମଶାଳାରେ ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗୀତା, ପ୍ରଶିକ୍ଷଣ ଓ ପୁରସ୍କାର ବିତରଣ ଉତ୍ସବ ସହ ସ୍ୱଚ୍ଛତା ପାଇଁ ଏକ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଇଓସିଲ୍ ଏଚ୍‌ଆର୍‌ର ସାଧାରଣ ପରିଚାଳିକା ସୁଶ୍ରୀ ମମତା ସାହୁ ଯୋଗଦେଇ ସ୍ୱଚ୍ଛତା ହିଁ ପ୍ରକୃତ ଦିବ୍ୟତା, ଜାପାନ ଭଳି ଦେଶରେ ପିଲାମାନେ ସ୍କୁଲରୁ ଏନେଇ ପ୍ରଶିକ୍ଷଣ ନେବା ସହ ନିଜ ଘରେ କର୍ମକ୍ଷେତ୍ରରେ ସ୍ୱଚ୍ଛତାକୁ ଜୀବନର ଏକ ଅଙ୍ଗ ରୂପେ ଗ୍ରହଣ କରିଥାନ୍ତି ବୋଲି କହିଥିଲେ। ଏଥିସହ ଆଜି ଭାରତରେ ବିଦ୍ୟାଳୟରର ପିଲାମାନଙ୍କ ପାଇଁ ଏହି ଦିଗରେ ଆମେ ବହୁତ ଉପରକୁ ଯାଉଛେ ବୋଲି କହିଥିଲେ। ସିଏସ୍‌ଆର୍‌ର ଉପ ପରିଚାଳକ ବିପି ସୁବୁଦ୍ଧ ମୁଖ୍ୟବକ୍ତା ରୂପେ ଯୋଗଦେଇ ପଣିକିଆ, ଅଜନ୍ତା ଅଭିଧାନ ଓ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଭାଷାନ୍ତର ପ୍ରତି ପିଲା ପାଇଁ କେତେ ଉପଯୋଗୀ ମାର୍ଗଦର୍ଶନ କରିଥିଲେ। ପ୍ରଧାନଅଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଅଭୟ କୁମାର ମହାରଣା, ସମ୍ପାଦକ କରୁଣାକର ସାହୁ ଓ ସହ ସମ୍ପାଦକ ଶରତ ଚନ୍ଦ୍ର ସାମନ୍ତରା ପ୍ରମୁଖ ସମସ୍ତ ଗୁରୁଜୀ ଗୁରୁମା ଯୋଗଦେଇଥିଲେ। ଗୁରୁମା ତିଳୋତ୍ତମା ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ଆୟୋଜିତ ପ୍ରତିଯୋଗିତାରେ ବକ୍ତୃତାରେ ପିଙ୍କି ଦାସ, ସ୍ମିତାଶ୍ରୀ ସ୍ୱାଇଁ, ଚିରସ୍ମିତା ଦାସ, ପ୍ରବନ୍ଧରେ ଦିବ୍ୟାଙ୍କା ଗୋଛାୟତ, ସୁଶ୍ରୀ ଶୁଭସ୍ମିତା ତ୍ରିପାଠୀ, ସାଇଲକ୍ଷ୍ମୀ ନାଥ ସଙ୍ଗୀତରେ ସାଇ ସମ୍ପର୍ଣ୍ଣା, ସାଇ ଶର୍ମିଳା ସ୍ୱାଇଁ, ଆୟୁସ ଦାସ, ଚିତ୍ରାଙ୍କନରେ ଆର୍ କ୍ରିଷ୍ଣାରାଣୀ ମିଶ୍ର, ଶ୍ରଦ୍ଧାସୁମନ ଓଝା ଓ ଲିପ୍ସାରାଣୀ ରାଉତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର ପୁରସ୍କୃତ ହୋଇଥିଲେ। ଶେଷରେ ସମ୍ପାଦକ ଅଧିବକ୍ତା କରୁଣାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଓସିଏଲ୍ ପକ୍ଷରୁ ବିଦ୍ୟାଳୟକୁ କିଛି ପାଠ୍ୟ ଉପକରଣ ପ୍ରଦାନ ସହ ଆଗାମି ଦିନରେ ଆବଶ୍ୟକୀୟ ସହଯୋଗ ପାଇଁ ଅଧିକାରିଣୀ ସୁଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ।

## ଦୁଇ ବଖରା ଘର ଜଳିଗଲା



କୁଜଙ୍ଗ, ୨୪।୫(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ଆଜି ବଡିଭୋରରେ ଅଗ୍ନିକାଣ୍ଡ ଘଟି ସଂଖ୍ୟାଲଘୁ ବସ୍ତିର ଜନୈକ ବାପା ଓ ପୁଅଙ୍କ ଦୁଇ ବଖରା ବାସଗୃହ ପୋଡି ପାଉଁଶ ହୋଇଯାଇଛି। କୁଜଙ୍ଗରୁ ଅଗ୍ନିଶମ ଗାଡି ପହଁଚିଲାବେଳକୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନଥିଲେ ବି ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଛି ବୋଲି ଆଶଙ୍କା କରାଯାଉଛି। ତେବେ ପଙ୍କପାଳରେ ଏକ ଯାତ୍ରା ଅପେରା ପଡ଼ିଥିବା ବେଳେ ଜନାପାଳ ସଂଖ୍ୟାଲଘୁ ବସ୍ତିର ଜାକୀର ଖାଁ(ଗୁଁଠୁଲି) ଘରେ ଶୋଇଥିଲେ। ତାଙ୍କ ପତ୍ନୀ ସସୀମା ବିବି ଓ ଅନ୍ୟମାନେ ଯାତ୍ରା ଦେଖିବାକୁ ଯାଇଥିଲେ। ଶୁକ୍ରବାର ପ୍ରାୟ ଭୋର ୪ଟାରେ ଗୁଁଠୁଲିଙ୍କ ଉପରେ ନିଆଁ ଖଣ୍ଡେ ପଡ଼ିବାରେ ସେ ନିଦରୁ ଉଠିବା ସହ ଘର ଜଳୁଥିବା ଦେଖି ପଦାକୁ ପଳାଇଥିଲେ। ସକାଳୁ ସକାଳୁ ଲୋକଙ୍କ ସମାଗମ ହେବା ସହ କୁଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ଏହି ଅଗ୍ନିକାଣ୍ଡରେ ଜାକିରଙ୍କ ଏକ ବଖରା ଘର ସହ ତାଙ୍କ ପୁଅ ଇମ୍ରାନ୍‌ଙ୍କ ମଧ୍ୟ ଏକ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ମୂଲମଜୁରି ଲାଗି ଚଳୁଥିବା ଥିବା ଏହି ବାପ ଓ ପୁଅ ଦୁଇ ବଖରା ଚାଳଘର କରି ରହୁଥିବାବେଳେ ଏବେ ମୁଣ୍ଡ ଉପରେ ଛାତ ନାହିଁ। ଖବର ପାଇ ପଙ୍କପାଳ ସରପଞ୍ଚ ସରୋଜ କୁମାର ସେଠୀ(ମୁନା) ପୀଡିତ ପରିବାକୁ ଭେଟି ସାନ୍ତ୍ୱନା ଦେବା ସହ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଦେବା ସହ ଜରିପାଲ ମଧ ଦେଇଛନ୍ତି।

## ବିଧାୟକ ପ୍ରାର୍ଥୀଙ୍କ ଦଳୀୟ ଅଫିସ ଜାଳିଦେଲେ



**ବାଲିକୁଦା, ୨୪।୫(ସମିସ):** ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଦଶବାଟିଆ ବଜାରରେ ଥିବା ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସଞ୍ଜୀବ ଏସ ବିଶ୍ୱାଳଙ୍କ ଦଳୀୟ କାର୍ଯ୍ୟାଳୟରେ ଗତକାଲି ରାତିରେ କିଛି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସ୍ଥାନୀୟ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ରାତି ପ୍ରାୟ ୧୦ ଟା ସମୟରେ ସଞ୍ଜୀବଙ୍କ ସମର୍ଥକ ମାନେ ଅଫିସ କାର୍ଯ୍ୟାଳୟ ବନ୍ଦ କରି ଘରକୁ ଫେରିଥିଲେ। ହେଲେ ଅଫିସ ପରିସରରେ କେହି ନଥିବାର ସୁଯୋଗ ନେଇ କିଛି ଯୁବକ ନିଆଁ ଲଗାଇ ଦେଇଥିବା ଦେଖିବାକୁ ପାଇଥିଲେ ସଞ୍ଜୀବଙ୍କ ସମର୍ଥକ। ଅନ୍ଧାରର ସୁଯୋଗ ନେଇ ସେମାନେ ଖସି ଯାଇଥିଲେ। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପଣ୍ଡା ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି।

## ଅସରାଏ ବର୍ଷାରେ ଗାଁ ଦାଣ୍ଡ ଜଳମଗ୍ନ

ପାରାଦୀପ, ୨୪।୫(ସମିସ)



ଅସରାଏ ବର୍ଷା ହେଲେ ଗାଁ ଦାଣ୍ଡ ହୋଇ ଯାଉଛି ଜଳମଗ୍ନ। ଏଭଳି ଦୃଶ୍ୟ ଆଜି ଦେଖିବାକୁ ମିଳିଛି ପାରାଦୀପଗଡ଼ ୫ ଓ ୬ ନମ୍ବର ୱାର୍ଡରେ।ଲଘୁଚାପଜନିତ ବର୍ଷା ଆଜି ସକାଳୁ ଆରମ୍ଭ ହୋଇଥିବା ବେଳେ, ପାରାଦୀପଗଡ଼ର ୫ ଓ ୬ ନଂ. ୱାର୍ଡରେ ଡ୍ରେନେଜ୍ ସୁବିଧା ନଥିବାରୁ ଅସରାଏ ବର୍ଷା ପରେ ଗାଁ ଦାଣ୍ଡ ଜଳମଗ୍ନ ହୋଇଯାଇଥିଲା। ଏହି ପାଣି ଆଜି ଅପରାହ୍ନ ପର୍ଯ୍ୟନ୍ତ ନିଷ୍କାସନ ହୋଇ ନ ପାରିବାରୁ ସାଧାରଣ ଜୀବନଯାତ୍ରାରେ ବହୁ ଅସୁବିଧା ପରିଲକ୍ଷିତ ହୋଇଥିଲା। ଗାଁ ଭିତରକୁ ସାଇକଲ, ବାଇକ୍ ଓ କାର ଯିବା ସମ୍ଭବ ହେଉନଥିଲା। କେବଳ ପାଦଚଲା ଲୋକେ ହିଁ ଆଣ୍ଠୁଏ ପାଣିରେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଖାଲ ଅଞ୍ଚଳ ରାସ୍ତାକୁ ପୋତି ପାଣି ନ ଜମିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି। ନଚେତ ଆଗକୁ ବର୍ଷାଦିନ ଆସୁଥିବାରୁ ସେହି ସ୍ଥାନରେ ଅଧିକ ପାଣି ଜମି ଲୋକଙ୍କ ଜୀବନଯାତ୍ରାକୁ ଅଧିକ ପ୍ରଭାବିତ କରିବ।

## ଶିଶୁଅନନ୍ତ ଆଶ୍ରମରେ ଚତୁର୍ଦ୍ଦଶୀ ମେଳା ଉଦ୍‌ଯାପିତ

**ତିର୍ତ୍ତୋଲ, ୨୪।୫(ସମିସ):** ତିର୍ତ୍ତୋଲ ବ୍ଲକ ଅରିଲୋ ଶିଶୁ ଅନନ୍ତ ଆଶ୍ରମ ପରିସରରେ ୫୫ତମ ବାର୍ଷିକ ଚତୁର୍ଦ୍ଦଶୀ ମେଳା ଉଦ୍‌ଯାପିତ ହୋଇଯାଇଛି। ପଦ୍ମଶ୍ରୀ ବାବା ବଳିଆଙ୍କ ପୌରୋହିତ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆ।ରମ୍ଭ ହୋଇଥିବା ଏହି ମେଳା ଚନ୍ଦନ ପୂର୍ଣ୍ଣିମାରେ ସମାପନ ହୋଇଛି। ଏହି ଅବସରରେ ବାବା ବଳିଆ କହିଲେ ଯେ, ମାନବାବାଦର ପ୍ରତିଷ୍ଠାରେ ହିଁ ବିଶ୍ୱରେ ଶାନ୍ତ ସ୍ଥାପନା ସମ୍ଭବ। ଧର୍ମ ଓ ସମ୍ପ୍ରଦାୟ ମାନଙ୍କ ମଧ୍ୟରେ ଅଯଥା ବିଭେଦ ଓ ସଂଘର୍ଷ ହିଁ ବଶ୍ୱ ଅଶାନ୍ତିର ମୂଳ କାରଣ ହୋଇଛି। ମଣିଷ ଭିତରେ ମଣିଷ ପଣିଆ।ର ଭାବନା ପ୍ରତିଷ୍ଠା ହେଉ।

ଏହି ଅବସରରେ ଆଶ୍ରମ ପ୍ରାଙ୍ଗଣରେ ବିଶ୍ୱଶାନ୍ତି ପାଇଁ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା। ପ୍ରତ୍ୟହ ନାମଯଜ୍ଞ, ଘୃତଯଜ୍ଞ, କଥା ଯଜ୍ଞ, ଦୀପ ଯଜ୍ଞ ଓ ଅନ୍ନଯଜ୍ଞ ଆଦି କାର୍ଯ୍ୟକ୍ରମ



ହୋଇଥିଲା। ଭିନ୍ନ ଭିନ୍ନ ଦିବସରେ ଶିଶୁ ଅନନ୍ତ ମହାପ୍ରଭୁଙ୍କର ନୀଳ ମାଧବ ବେଶ, ଲକ୍ଷ୍ମୀବେଶ, ନୃସିଂହ ବେଶ ଓ ଦଧିବାମନ ବେଶରେ ସୁସଜ୍ଜିତ ହୋଇ ଦର୍ଶନ ଦେଇଥିଲେ। ଅନନ୍ତଙ୍କ ଚଳନ୍ତି ବିଗ୍ରହ ରାଧାମୋହନ ପ୍ରତ୍ୟହ ଚନ୍ଦନଚାପରେ ନାବକେଳି ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ବିହାର ଆଦି ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇଥିଲେ। ଆଶ୍ରମର ମୁଖପତ୍ର ଅନନ୍ତ ପ୍ରଭା ପତ୍ରିକାର ୫୦ବର୍ଷ ଉତ୍ସବ ପାଳନ ଅବସରରେ ଡଃ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀଙ୍କ ଦ୍ୱାରା ଲିଖିତ ଦୁଇ ପୁସ୍ତକ 'ଖନା ବଳିଆ ବଚନ' ଓ 'ଭଗବତ ଗୀତାର ମୂଳ ଶ୍ଳୋକାବଳୀ' ଉନ୍ମୋଚିତ ହୋଇଥିଲା। ଏହି ମେଳାକୁ ଶ୍ରୀବାସ ଦାସ, ମନୋଜ ଦାସ, ବିମ୍ବାଧର ଦାସ, ସ୍ୱାମୀ ଚିଦାନନ୍ଦ, ସଞ୍ଜୟ ଦାସ, ପ୍ରମୋଦ ଖୁଣ୍ଟିଆ ପ୍ରମୁଖ ସଞ୍ଚାଳନ କରିଥିଲେ।

